ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.137 Bhubaneswar Wednesday July 13 2022 ୨୫ତମ ବର୍ଷ ସଂଖ୍ୟା–୧୩୭ ଭୁବନେଶ୍ୱର, ବୁଧବାର, ଜୁଲାଇ ୧୩, ୨୦୨୨ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS

କରୋନା ବର୍ଷରେ ବଢ଼ିଲା ୨୦ ହଜାର ଅପରାଧ; ଦିନକୁ ୯ ଜଣ ଦୁଷ୍କର୍ମର ଶିକାର



ଭୁବନେଶ୍ୱର,୧୨।୭(ପି.ଏନ) : ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି ବୋଲି କହି ବାଃ ବାଃ ନେଉଥିବା ଓଡିଶା ପୁଲିସ ଓ ରାଜ୍ୟ ସରକାରଙ୍କ ପାରିବାପଣିଆ ପଦାରେ ପଡିଛି । ୨୦୨୧ ମସିହାରେ ବର୍ଷ ତମାମ କରୋନା କଟକଣା ସତ୍ତ୍ୱେ ରାଜ୍ୟରେ ଆଖି ଖୋସି ହୋଇଯିବା ଭଳି ଅପରାଧ ବଢ଼ିଛି । ତା'ପୁଣି ସବୁ ବର୍ଗର ଅପରାଧରେ । ୨୦୨୦ ମସିହାରେ ୧ଲକ୍ଷ ୩୪ହଜାର ୨୩୦ଟି ଅପରାଧ ମାମଲା ରୁଜୁ ହୋଇଥିବାବେଳେ ୨୦୨୧ ମସିହାରେ ପ୍ରାୟ ୨୦ହଜାର ଅଧିକ ଅର୍ଥାତ ୧ଲକ୍ଷ ୫୫ହଜାର ୪୨୦ଟି ଅପରାଧ ମାମଲା ବିଭିନ୍ନ ଥାନାରେ ରୁଜୁ ହୋଇଛି ।ସବୁଠୁ ଉଦବେଗଜନକ ଭାବେ ରାଜ୍ୟରେ ଦୁଷ୍କର୍ମ ମାମଲା ମଧ୍ୟ ବଢ଼ିଛି । ୨୦୨୦ରେ ମୋଟ ୨୯୮୪ଟି ଦୁଷ୍କର୍ମ ମାମଲା ପଞ୍ଜିକୃତ ହୋଇଥିବାବେଳେ ୨୦୨୧ ମସିହାରେ ୩୩୨୭ଟି ମାମଲା ପଞ୍ଜିକୃତ ହୋଇଛି । ଅର୍ଥାତ ୨୦୨୦ରେ ରାଜ୍ୟରେ ପ୍ରତିଦିନ ହାରାହାରି ୮ଜଣମହିଳା ବା ଝିଅ ଦୁଷ୍କର୍ମର ଶିକାର ହେଉଥିବାବେଳେ ୨୦୨୧ ମସିହାରେ ଏହି ସଂଖ୍ୟା ୯ରୁ ଅଧିକ ରହିଥିବା ଜଣାପଡିଛି ।ରାଜ୍ୟ ଗୃହ ବିଭାଗ ପ୍ରତିବର୍ଷ ମାର୍ଚ୍ଚ ମାସରେ ନିଜର ଶ୍ୱେତପତ୍ର ପ୍ରକାଶ କରୁଥିଲେ ମଧ୍ୟ ଚଳିତବର୍ଷ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନରେ ବିଳମ୍ବ ଯୋଗୁ ଶ୍ୱେତପତ୍ର ଜାରି କରିନି । ତଥାପି ଗୃହ ବିଭାଗର ତଥ୍ୟ ଅନୁସାରେ, ୨୦୨୧ ମସିହାରେ ମୋଟ ୧ ଲକ୍ଷ ୫୫ହଜାର ୪୨୦ଟି ଅପରାଧ ମାମଲା ରୁଜୁ ହୋଇଥିବାବେଳେ ଏଥିରେ ୩୩୨୭ଟି ଦୁଷ୍କର୍ମ(ବଳାତ୍କାର), ୧୩୯୪ଟି ହତ୍ୟା, ୫୫୨ଟି ଡକାୟତି, ୨୮୨୬ ଲୁଟ, ୫୧୩୩ ଛିନତାଇ, ୧୩୦୨୪ଟି ଚୋରି, ୫୧୩୮ଟି ସିନ୍ଧିଚୋରି, ୨୨୨୦ଟି ହିଂସାକାଣ୍ଡ(ହ୍ୱସକ୍ରୁପ୍ତ), ୧୦୯୮୩ଟି ମୋଟର ଦୁର୍ଘଟଣା ଓ ୧ଲକ୍ଷ ୧୦୮୨୩ଟି ଅନ୍ୟାନ୍ୟ ବିଭିନ୍ନ ପ୍ରକାରର ମାମଲା ରୁଜୁ ହୋଇଛି । କେବଳ ହତ୍ୟାକୁ ଛାଡିଦେଲେ ଅନ୍ୟ ସମସ୍ତ ଅପରାଧ ମାମଲା ୨୦୨୦ ମସିହା ତୁଳନାରେ ୨୦୨୧ରେ ଅଧିକ ବୋଲି ଜଣାପଡିଛି ।ତେବେ ରାଜ୍ୟରେ ମହିଳାଙ୍କ ବିରୁଦ୍ଧରେ ଦୁଷ୍କର୍ମ ମାମଲା ବୃଦ୍ଧି ପାଇଥିବା ସତ୍ତ୍ୱେ ସରକାର ୨୦୨୦ ମସିହା ତୁଳନାରେ କମ ସଂଖ୍ୟକ ମାମଲାକୁ 'ରେଡ ଫ୍ଲାଗ' ବର୍ଗରେ ସାମିଲ କରାଇଥିଲେ । ୨୦୨୦ ମସିହାରେ ମୋଟ ୨୭୬ଟି ମାମଲା ରେଡ୍ ଫ୍ଲାଗ ବର୍ଗରେ ଥିବାବେଳେ ୨୦୨୧ରେ ମାତ୍ର ୧୧୬ଟି ମାମଲା ଏହି ବର୍ଗରେ ସାମିଲ କରି ତା'ର ତଦନ୍ତ କରାଇଥିଲେ । ମହିଳାଙ୍କ ବିରୁଦ୍ଧରେ ହିଂସା ମାମଲାର ତଦନ୍ତ ଓ ସମ୍ବେଦନଶୀଳ ମହିଳା ବିରୁଦ୍ଧ ହିଂସା ମାମଲାକୁ ସର୍ବୋଚ୍ଚ ପ୍ରାଥମିକତା ଦେବା ପାଇଁ ଏହି 'ରେଡ ଫ୍ଲାଗ' ବର୍ଗରେ ସାମିଲ କରାଯାଇଥାଏ । ତେବେ ୨୦୨୧ରେ ରେଡଫ୍ଲାଗରେ ସାମିଲ ହୋଇଥିବା ମୋଟ ୧୧୬ଟି ମାମଲାରେ ଦୋଷୀସାବ୍ୟସ୍ତ ହାର ୪୫.୨୮% ଗୃହ ବିଭାଗ ଦର୍ଶାଇ ଏହାକୁ ନିଜର ସଫଳତା ବର୍ଗରେ ସାମିଲ କରିଛି ।ସେହିପରି ୨୦୨୧ ମସିହାରେ ଅନୁସୂଚିତ ଜାତି ଓ ଜନଜାତିଙ୍କ ବିରୁଦ୍ଧରେ ହିଂସାର ମୋଟ ୩୦୦୩ଟି ମାମଲା ରୁଜୁ ହୋଇଥିବାବେଳେ ସେଥିରୁ ୨୦୩୪ଟିର ସମାଧାନ ହୋଇଛି ଓ ୯୬୯ଟି ମାମଲାର ଏବେବି ତଦନ୍ତ ଜାରି ରହିଛି । ୨୦୨୧ ମସିହାରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଲୋକଙ୍କ ସମେତ ଅନ୍ୟାନ୍ୟ ମାମଲାରେ ରାଜ୍ୟ ମାନବାଧିକାର ସୁରକ୍ଷା ଆୟୋଗ ମୋଟ ୪୫୫ଟି ଅଭିଯୋଗ ପାଇଥିବାବେଳେ ସେଥିରୁ ୩୮୩ଟି ମାମଲାର ବିଚାର ହୋଇ ଆବଶ୍ୟକ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଏବେ ୭୨ଟି ମାମଲା ସମ୍ପୃକ୍ତ ଜିଲ୍ଲା ପୁଲିସ ଏସପିଙ୍କ ତଦନ୍ତ ପରିସରରେ ରହିଛି ।

ବିଜେବି କଲେଜ ଛାତ୍ରୀ ମୃତ୍ୟୁ ମାମଲା: ନ୍ୟାୟ ଦାବିରେ ରୁଚିକାଙ୍କ ମା ଦେଲେ ଧାରଣା

ଭୁବନେଶ୍ୱର, ୧୨।୭ (ବି.ଲ) ବିଜେବି କଲେଜ ଛାତ୍ରୀ ରୁଚିକା ମହାନ୍ତିଙ୍କୁ ନ୍ୟାୟ ପାଇଁ ତାଙ୍କ ପରିବାର ଲୋକ ଆଜି ଲୋୟର ପିଏମଜିରେ ଧାରଣା ଦେଇଛନ୍ତି । ଏହି ଧାରଣାରେ ରୁଚିକାଙ୍କ ମା ବିଦ୍ୟୁତ ଲତା ମହାନ୍ତି ବସିଛନ୍ତି । ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ ଗତକାଲି ବିଜେବି କଲେଜ ସମ୍ମୁଖରେ ପ୍ରତିବାଦ କରୁଥିବା ବେଳେ ପୋଲିସ ରୁଚିକାଙ୍କ ମାଙ୍କ ସହ ଅନ୍ୟ ବିକ୍ଷୋଭକାରୀ ମାନଙ୍କୁ ଉଠାଇ ନେଇଥିଲା ।

ଦେଶରେ ମଙ୍ଗଳବାର ସୁଦ୍ଧା ଦିଆଗଲାଣି ୧୯୯ କୋଟିରୁ ଅଧିକ କରୋନା ଟୀକା

ନୂଆଦିଲ୍ଲୀ, ୧୨।୭(ପି.ଏନ): ଦେଶବ୍ୟାପି କରୋନା ଟୀକାକରଣ ଅଭିଯାନରେ ମଙ୍ଗଳବାର ସକାଳ ୮ ଟା ସୁଦ୍ଧା ୧୯୯ କୋଟି ଟୀକା ଦେବା ସଂଖ୍ୟା ପାରି କରିସାରିଛି । ଗତ ୨୪ ଘଂଟାରେ ୧୦ ଲକ୍ଷ ୬୪ ହଜାର ଟିକା ଦିଆଯାଇଛି । କେନ୍ଦ୍ରୀୟ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ହିସାବ ଅନୁସାରେ ମଙ୍ଗଳବାର ସକାଳ ସୁଦ୍ଧା ରାଜ୍ୟ ଏବଂ କେନ୍ଦ୍ର ଶାସିତ ପ୍ରଦେଶ ମାନଙ୍କରେ କରୋନା ବିରୋଧି ଟିକା ବର୍ତମାନ ସୁଦ୍ଧା ସମୁଦାୟ ୧୯୩.୫୩ କୋଟି ଟିକା ନିଶୁଳ୍କ ଭାବରେ ଯୋଗାଇ ଦିଆଯାଇଅଛି । ଏଥି ମଧ୍ୟରୁ ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶ ମାନଙ୍କ ପାଖରେ ଆଜି ସୁଦ୍ଧା ୧୦.୧୦ କୋଟି ଟୀକା ମହଜୁଦ ଅଛି ।

ଦିବାଲୋକରେ ୧ ଲକ୍ଷ ୪୭ ହଜାର ଟଙ୍କା ଲୁଟିଲେ ଦୁର୍ବୃତ

କନ୍ଧମାଳ,୧୨।୭ (ଦିନ ଦ୍ୱିପରରେ) ଦିନ ଦ୍ୱିପ୍ରହରରେ ୧ ଲକ୍ଷ ୪୭ ହଜାର ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଟାଉନ ଥାନା ନିକଟରୁ ଏହି ଟଙ୍କା ଲୁଟି ନେଇଛନ୍ତି ଦୁର୍ବୃତ ।ସୂଚନା ମୁତାବକ, ମଙ୍ଗଳବାର ଫୁଲବାଣୀ-ବୌଦ୍ଧ କେନ୍ଦ୍ର ସମବାୟ ବ୍ୟାଙ୍କରୁ କଟ୍ରିଙ୍ଗିଆ ଅଂଚଳର ହରିଶ୍ଚନ୍ଦ୍ର ପ୍ରଧାନ ନାମକ ଜଣେ ବ୍ୟକ୍ତି ୧ ଲକ୍ଷ ୪୭ ହଜାର ଟଙ୍କା ଉଠାଇ ବ୍ୟାଙ୍କରୁ ବାହାରକୁ ଆସି ବାଇକ୍ ଡିକିରେ ଏହି ଟଙ୍କା ରଖି କଥା ହେଉଥିଲେ । ହେଲେ ସେଠାରେ ପୂର୍ବରୁ ଦୁଇଟି ବାଇକରେ ୪ ଜଣ ଲୁଟେରା ଅପେକ୍ଷା କରିଥିଲେ । ଆଉ ଆଖି ପିଛୁଳାକେ ଡିକି ଖୋଲି ବ୍ୟାଗ ସହ ଟଙ୍କା ନେଇ ବାଇକ୍ ଯୋଗେ ଚମ୍ପଟ ମାରିଥିଲେ। ଏ ନେଇ ଟାଉନ ଥାନାରେ ସମ୍ପୃକ୍ତ ବ୍ୟକ୍ତି ଏତଲା ଦେବାକୁ ଯାଇଥିଲେ ମଧ୍ୟ ଥାନାରେ କୌଣସି ପୋଲିସ ଅଧିକାରୀ ନଥିଲେ । ଫଳରେ ଅସନ୍ତୋଷ ପ୍ରକାଶ ପାଇଥିଲା ।ସହରରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ବିଭିନ୍ନ ଛକମାନଙ୍କରେ ସିସିଟିଭି ଲଗାଯାଇଥିଲେ ମଧ୍ୟ କାମରେ ଆସୁଛି କି ନାହିଁ ତାହା ଜଣାପଡୁନି । ଗତ ବର୍ଷକ ମଧ୍ୟରେ ସହରର ବିଭିନ୍ନ ସ୍ଥାନରେ ୫ରୁ ୭ଟି ଲୁଟ୍ ଘଟଣା ଘଟିଥିଲେ ମଧ୍ୟ ଟାଉନ ପୋଲିସକୁ କୌଣସି ଘାଟଣାରେ ସଫଳତା ମିଳିନଥିବା ଅଭିଯୋଗ ହୋଇଛି ।

ଅଟୋରିକ୍ସା - କାର ମୁହାଁମୁହିଁ ଧକ୍କାରେ ୩ ମୃତ ୨ ଆହତ

ବଲାଙ୍ଗିର ,୧୨(ପି.ଏନ୍): ଆଜି ସକାଳ ପ୍ରାୟ ୬ ଟା ସମୟରେ ସୋନପୁର - ବଲାଙ୍ଗିର ଜାତୀୟ ରାଜପଥ ଖଷ୍ଟରୀ ଗାଁ ନିକଟରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ୩ ଜଣଙ୍କ ମୃତ୍ୟୁ ଘଟଣା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି କ୍ଷ ସୂଚନାରୁ ପ୍ରକାଶ ଯେ, ଗୋଟିଏ କାର୍ ଓ ଅଟୋ ରିକ୍ସା ମୁହାଁମୁହିଁ ଧକ୍କା ହେବା ଫଳରେ ଅଟୋ ରିକ୍ସା ରେ ବସିଥିବା ୩ ଜଣ ଯାତ୍ରୀ ଙ୍କ ମୃତ୍ୟୁ ଘଟିଛି କ୍ଷ ଆଜି ସକାଳ ୬ ଟା ସମୟରେ ଏକ କାର୍ ଦ୍ରୁତ୍ ଗତିରେ ସୋନପୁର ପଟୁ ଆସୁଥିବା ସମୟରେ ବଲାଙ୍ଗିର ପଟୁ ଆସୁଥିବା ଏକ ଅଟୋ ରିକ୍ସା ସହ ଖଷ୍ଟରୀ ଗ୍ରାମ ନିକଟରେ ମୁହଁମୁହିଁ ଧକ୍କା ହୋଇ ଥିଲା କ୍ଷ ଦୁର୍ଘଟଣା ରେ ଅଟୋ ରେ ବସିଥିବା ୩ ଜଣ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅଟୋ ରିକ୍ସା ଚାଳକ ସାଗରପାଲି ର ଲକ୍ଷ୍ମୀକାନ୍ତ ପ୍ରଧାନ(୩୫) ଙ୍କ ସମେତ ଆଉ ଜଣେ ଯାତ୍ରୀ ଗୁରୁତର ଭାବେ ଆହତ ହୋଇଛନ୍ତି କ୍ଷ ତରଭା ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଆହାତ ମାନଙ୍କୁ ଉଦ୍ଧାର କରିଛି କ୍ଷ ଆହାତ ମାନେ ବଲାଙ୍ଗିର ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରାଯାଇଛି କ୍ଷ ଏ ପର୍ଯ୍ୟନ୍ତ ମୃତକଙ୍କ ପରିଚୟ ମିଳି ପାରିନାହିଁ ।

ବ୍ରହ୍ମତାଳଧ୍ୱଜ ରଥରେ ଶ୍ରୀବଳଦେବଜୀଉଙ୍କ ରଘୁନାଥ ବେଶ ଦର୍ଶନ କଲେ ଭକ୍ତ

କେନ୍ଦ୍ରାପଡ଼ା,୧୨।୭: କେନ୍ଦ୍ରାପଡା ତୁଳସୀକ୍ଷେତ୍ରର ସିଦ୍ଧ ଶ୍ରୀବଳଦେବଜୀଉଙ୍କ ବ୍ରହ୍ମତାଳଧ୍ୱଜ ରଥ ମାଉସୀ ମା'ଙ୍କ ମନ୍ଦିରରୁ ଫେରି ସୋମବାର ଚକଡା ଲାଗିଥିଲା। ମଙ୍ଗଳବାର ରଥ ଉପରେ ଶ୍ରୀଜୀୟୁମାନଙ୍କ ରଘୁନାଥ ବେଶ ସମ୍ପନ୍ନ କରାଯାଇଛି। ଶ୍ରୀଜୀୟୁଙ୍କ ଏହି ଦୁର୍ଲଭ ବେଶକୁ ଦର୍ଶନ କରି ହଜାର ହଜାର ଭକ୍ତ ମହା ଆନନ୍ଦିତ ହୋଇଛନ୍ତି। ଏହି ବେଶରେ ଶ୍ରୀଜୀଉମାନଙ୍କ ମସ୍ତକରେ ଚାନ୍ଦି ମୁକୁଟ ଶୋଭାପାଉଥିଲା। ଏହି ମୁକୁଟ ଓ ଆଭୂଷଣକୁ ପୁରୀ ବାଲିଘାଇରେ ଥିବା ହରିହରାନନ୍ଦ ଗୁରୁକୂଳ ଆଶ୍ରମର ମୁଖ୍ୟ ପ୍ରଜ୍ଞାନାନନ୍ଦଜୀ ମହାରାଜ ଚଳିତ ବର୍ଷ ଦାନ କରିଥିବା ଶ୍ରୀଜୀୟୁଙ୍କ ଦେବୋତ୍ତରସଂସ୍ଥାର ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀଙ୍କ ଠାରୁ ସୂଚନା ମିଳିଛି। ଏଥିସହ ଚାନ୍ଦିରେ ତିଆରି ଅନ୍ୟାନ୍ୟ ଆଭୂଷଣ ମଧ୍ୟ ଶ୍ରୀଜୀୟୁ ପରିଧାନ କରିଥିଲେ।

ରୁଚିକା ଆତ୍ମହତ୍ୟା: ସନ୍ଦେହରେ ପୁଲିସର ଭୂମିକା, ବିଧାନସଭାରେ ଉଠାଇବ କଂଗ୍ରେସ

ଭୁବନେଶ୍ୱର,୧୨।୭(ପି.ଏନ): ବିଜେବି କଲେଜ ଛାତ୍ରୀ ରୁଚିକା ମହାନ୍ତି ଆତ୍ମହତ୍ୟାର ୧୧ଦିନ ପରେ ବି ପୁଲିସ ହାତ ଖାଲି । ରାଗିଂ ଯୋଗୁ ଆତ୍ମହତ୍ୟା କରୁଥିବା ନେଇ ରୁଚିକା ତାଙ୍କର ଆତ୍ମହତ୍ୟା ନୋଟ ଉଲ୍ଲେଖ କରିଥିଲେ ମଧ୍ୟ କାହିଁକି କମିଶନରେଟ ପୁଲିସ ଏହାକୁ ଗୁରୁତ୍ୱର ସହ ନେଉନି ତାହା ଏବେ ପୁଲିସର ଭୂମିକା ଉପରେ ସନ୍ଦେହ ସୃଷ୍ଟି କରିଛି ।ଏପଟେ ଝିଅ ଆତ୍ମହତ୍ୟା ପାଇଁ ଦାୟୀ ଛାତ୍ରୀ ଓ କଲେଜ କର୍ତ୍ତୃପକ୍ଷଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ଧାରଣାରେ ବସିଥିବା ରୁଚିକାଙ୍କ ମା'ଙ୍କୁ ପୁଲିସ ବଳପୂର୍ବକ ଉଠାଇ ଦେବାକୁ ରାଜ୍ୟ କଂଗ୍ରେସ ତୀବ୍ର ନିନ୍ଦା କରିଛି । ଏହି ପ୍ରସଙ୍ଗକୁ ବିଧାନସଭାରେ ଉତଥାପନ କରାଯିବ ବୋଲି କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଛନ୍ତି । ଆଉ ଭୁବନେଶ୍ୱର ପୁଲିସ ଡିସିପି ପ୍ରତୀକ ସିଂ ଏହି ମାମଲାରେ ଆଜି ସାମ୍ବାଦିକ ସମ୍ମିଳନୀ କରି ରାଗିଂ ଯୋଗୁ ଆତ୍ମହତ୍ୟା ହୋଇଥିବାର ପ୍ରମାଣ ନାହିଁ ଓ ଅଧିକ ଖୋଳତାଡ ପାଇଁ ରୁଚିକାଙ୍କ ମୋବାଇଲ ଫୋନକୁ ସିଙ୍ଗାପୁର ପଠାଯିବ ବୋଲି କହି ଦିନ ଗଡାଇବାକୁ ପ୍ରୟାସ କରିଥିବା ଅଭିଯୋଗ ହୋଇଛି ।କଂଗ୍ରେସ ବିଧାୟକ ଦଳ ନେତା ଶ୍ରୀ ମିଶ୍ର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ରୁଚିକାଙ୍କ ମା'ଙ୍କୁ ପୁଲିସର ଅମାନୁଷିକ ବ୍ୟବହାରରେ ସେ ନିଜେ ମର୍ମାହତ । ପୁଲିସ ତାଙ୍କୁ ବୁଝାଇ ପାରିଥାନ୍ତା କିମ୍ବା ଅତି ବେଶୀରେ ନୋଟିସ୍ କରିପାରିଥାନ୍ତା । ମାତ୍ର ତାଙ୍କ ମା'ଙ୍କୁ ବଳପୂର୍ବକ ଉଠାଇ ନେବାର କି ଆବଶ୍ୟକତା ଥିଲା ତାହା ବୁଝାପଡୁନି । ମାନବିକ ଅଧିକାର କ୍ଷୁଣ୍ଣ କରିଛି ପୁଲିସ । ଏହି ପ୍ରସଙ୍ଗକୁ ବିଧାନସଭାରେ ଉତଥାପନ କରାଯିବ ବୋଲି ସେ କହିଛନ୍ତି ।ଅନ୍ୟପକ୍ଷରେ ଭୁବନେଶ୍ୱର ଡିସିପି ପ୍ରତୀକ ସିଂ ସାମ୍ବାଦିକଙ୍କୁ କହିଛନ୍ତି ଯେ, ରୁଚିକା ଆତ୍ମହତ୍ୟା ମାମଲାରେ ରାଗିଂକୁ ନେଇ କୌଣସି ସୁରାକ ଏପର୍ଯ୍ୟନ୍ତ ମିଳିନାହିଁ । ଏପର୍ଯ୍ୟନ୍ତ ପୁଲିସ ରୁଚିକା ମାମଲାରେ ୧୯୮ଜଣ ଛାତ୍ରୀ, ହଷ୍ଟେଲ ଅନ୍ତେବାସୀ, ସମ୍ପର୍କୀୟ ଓ ସାଙ୍ଗସାଥୀଙ୍କୁ ପଚ୍‌ରାଉଚୁରା କରାଯାଇଛି ।କଲେଜରେ ରାଗିଂ ହେବା ନେଇ କେହି ସ୍ୱୀକାର କରିନାହାନ୍ତି । କିମ୍ବା କୌଣସି ପିଲା ସେଭଳି କହିନାହାନ୍ତି କି ସୁରାକ ମଧ୍ୟ ମିଳିନି । ସବୁ ଦିଗରୁ ତଦନ୍ତ ଜାରି ରହିଛି । ପୁଲିସକୁ ଯେକେହି ସୂଚନା ଦେବାକୁ ଚାହିଁଲେ ସେଥିପାଇଁ ମଧ୍ୟ ଏକ ନମ୍ବର ଜାରି କରାଯାଇଛି । କାହା ପାଖରେ କିଛି ତଥ୍ୟ ଥିଲେ ସେମାନେ ଏହି ନମ୍ବରରେ ଜଣାଇପାରିବେ ।

ବର୍ତମାନ ସଂକ୍ରମିତଙ୍କ ମଧ୍ୟରେ ମେଡିକାଲରେ ଭର୍ତ୍ତି ରୋଗୀଙ୍କ ସଂଖ୍ୟା କମ୍ : ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର, ୧୨।୭(ୟୁପି ସ୍କୁଏ) ବର୍ତମାନ ସଂକ୍ରମିତଙ୍କ ମଧ୍ୟରେ ମେଡିକାଲରେ ଭର୍ତ୍ତି ରୋଗୀଙ୍କ ସଂଖ୍ୟା କମ୍ ବୋଲି କହିଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର । ରାଜ୍ୟରେ କୋବିଡ ସମ୍ପର୍କରେ ପ୍ରତିକ୍ରିୟା ପ୍ରକାଶ କରି ସେ ଏହା କହିଛନ୍ତି। ସେ କହିଛନ୍ତି ଯେ ଗତକାଲି ସୁଦ୍ଧା ୩ ହଜାରରୁ ଅଧିକ ଆକ୍ଟିଭ ଥିଲେ, ୩୧ ଜଣ ମେଡିକାଲରେ; ଡାକ୍ତରଖାନାରେ ଥିବା ୩୧ ଜଣଙ୍କ ମଧ୍ୟରୁ ୨୫ ଜଣ ଆଇସିୟୁରେ ଅଛନ୍ତି । ସେ କହିଛନ୍ତି ଯେ ଟିପିଆର ଅନୁସାରେ କଟକ, ପୁରୀ, ଖୋର୍ଦ୍ଧା ସହରାଞ୍ଚଳରେ ସଂକ୍ରମଣ ଅଧିକ ଅଛି; ଅଧିକାଂଶ ଲୋକ ଟିକା ନେଇଥିବାରୁ ଗୁରୁତର ହେବା କମ୍ ରହିପାରେ ।

ଆସନ୍ତାକାଲିଠୁ ଶ୍ରୀମନ୍ଦିରରେ ମିଳିବ ନୀଳାଚଳ ଅବଢ଼ା

ପୁରୀ, ୧୨।୭ (ପି.ଏନ): ରଥଯାତ୍ରାରେ ମହାପ୍ରଭୁ ଯିବା ପରେ ରଥ ଉପରେ ଶୁଖିଲା ଭୋଗ, ଫଳମୂଳ ଅର୍ପଣ କରାଯାଇଥିଲା । ଶ୍ରୀଗୁଣ୍ଡିଚା ମନ୍ଦିର ଆଡ଼ପ ମଣ୍ଡପରେ ବିଜେ କରିବା ପରେ ଆଡ଼ପ ଅବଢ଼ା ଭୋଗ କରାଯାଇଥିଲା । ବାହୁଡ଼ା ଦିନ ଖେଚୁଡ଼ି ଭୋଗ ଖାଇ ପ୍ରଭୁ ନାକଚଣା ଦ୍ୱାର ଦେଇ ରଥକୁ ପହଣ୍ଡି ହୋଇଥିଲେ । ବାହୁଡ଼ା ଦିନ ରଥ ଉପରେ ବିଭିନ୍ନ ନୀତି ଅନୁଷ୍ଠିତ ହେବା ସହ ଶୁଖିଲା ଭୋଗ ଅର୍ପଣ ହୋଇଥିଲା । ଗତକାଲି ଅଧରପଣା ପରେ ଆଜି ନିଳାଦ୍ରୀ ବିଜେ କରି ରତ୍ନ ସିଂହାସନରେ ବିରାଜମାନ କରିଛନ୍ତି ଚତୁର୍ଦ୍ଧାମୂର୍ତି । ଆସନ୍ତାକାଲି ମା ମହାଲକ୍ଷ୍ମୀଙ୍କ ହାତରନ୍ଧା ପ୍ରସାଦ ରୋଷ ଘରୁ ଆସି ରତ୍ନ ସଂହାସନ ନିକଟରେ ଭୋଗ ଲାଗି ହେବ । ଏହି ଭୋଗ ଲାଗି ହେବା ପରେ ମହାପ୍ରସାଦକୁ ଭକ୍ତ ମାନେ ପାଇବେ । ନୀଳାଚଳରେ ଏହି ପ୍ରଥମ ଅବଢ଼ାକୁ ଭକ୍ତ ମାନେ ପାଇ ମହା ଆନନ୍ଦିତ ହେବେ । ନୀଳାଚଳ ଅବଢ଼ା ସେବନ ଓ ବ୍ରାହ୍ମଣ ଭୋଜନ କରାଇଲେ ମହାପୂର୍ଣ୍ଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି।

ଓଡିଶା ପୁଲିସ ଆଧୁନିକୀକରଣ: ୨୦ ବର୍ଷରେ ୯୮୧ କୋଟି ଖର୍ଚ୍ଚ

ଭୁବନେଶ୍ୱର,୧୨।୭(ପି.ଏନ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସରକାର ୨୦୦୦ ମସିହାରେ କ୍ଷମତାସୀନ ହେବାପରଠୁ ୨୦ବର୍ଷ ମଧ୍ୟରେ ଓଡିଶା ପୁଲିସର ଆଧୁନିକୀକରଣ ପାଇଁ ରାଜ୍ୟ ସରକାର ମାତ୍ର ୯୮୧.୭୬କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି । ଏହି ୨୦ବର୍ଷ ଧରି ଗୃହ ବିଭାଗ ମୁଖ୍ୟମନ୍ତ୍ରୀଙ୍କ ହାତରେ ଥିଲେ ମଧ୍ୟ ଓଡିଶା ପୁଲିସକୁ ଯୁଗପୋଯୋଗୀ କରିବା ନିମନ୍ତେ ଆବଶ୍ୟକ ପାଣ୍ଠି ବରାଦ କରିବାରେ ସରକାର ବିଫଳ ହୋଇଛନ୍ତି । ଏପରିକି ଏହି ୨୦ବର୍ଷ ମଧ୍ୟରେ ପୁଲିସ ଆଧୁନିକୀକରଣ ପାଇଁ ୧୦୨୦.୬୭କୋଟି ଟଙ୍କା ଆବଂଟିତ ହୋଇଥିଲେ ମଧ୍ୟ ସେଥିରୁ ମାତ୍ର ୯୬.୧୯% ଅର୍ଥ ଖର୍ଚ୍ଚ ସମ୍ଭବପର ହୋଇପାରିଛି ।ରାଜ୍ୟ ଗୃହ ବିଭାଗରୁ ମିଳିଥିବା ସୂଚନା ଅନୁସାରେ ରାଜ୍ୟ ପୁଲିସର ଆଧୁନିକୀକରଣ ପାଇଁ ଆବଂଟିତ ଏହି ମୋଟ ପାଣ୍ଠିରେ ନୂଆ ଗାଡି(ବୁଲେଟ ପ୍ରୁଫ୍ ଗାଡି ସହ), ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର, ଯୋଗାଯୋଗ ବ୍ୟବସ୍ଥାରେ ଉନ୍ନତି, ପ୍ରଶିକ୍ଷଣ ଭିତ୍ତିଭୂମିରେ ଉନ୍ନତି, ସାଇବର ଅପରାଧ ତଦନ୍ତ ପାଇଁ ଉପକରଣ କ୍ରୟ, ଅପରାଧ ଚିହ୍ନଟ ପାଇଁ ନୂତନ ଜ୍ଞାନକୌଶଳର ଉପକରଣ କ୍ରୟ, ଫୋରେନସିକ ଯାଂଚ୍ ଉପକରଣ, ବୋମା ଚିହ୍ନଟ ଅତ୍ୟାଧୁନିକ ଉପକରଣ, ଟ୍ରାଫିକ ପୁଲିସ ପାଇଁ ନାଇଟ୍ ଭିଜନ ଡିଭାଇସ, ଅତ୍ୟାଧୁନିକ କଂଟ୍ରୋଲ ରୁମ, ସିସିଟିଭି କ୍ରୟ, ଆବାସିକ ଓ ଅଣଆବାସିକ କୋଠା ନିର୍ମାଣ ଆଦି ବାବଦରେ ଏହି ଅର୍ଥ ଖର୍ଚ୍ଚ ହୋଇଛି । ଏହି ଯୋଜନାରେ ରାଜ୍ୟ ସରକାର ୨୦୨୧-୨୨ ଆର୍ଥିକ ବର୍ଷରେ ଆଉ ୨୬କୋଟି ଟଙ୍କା ଆବଂଟିତ କରିଛନ୍ତି । ଯେଉଁଥିରେ କେନ୍ଦ୍ର ସରକାରଙ୍କର ୧୫.୬୦କୋଟି ଓ ରାଜ୍ୟର ୧୦.୪୦କୋଟି ଟଙ୍କା ସାମିଲ ରହିଛି ।ତେବେ ପ୍ରଶ୍ନ ଉଠୁଛି, ଦୀ

ଟି ଟାଇମ୍

ଭୂତଙ୍କ ମେଳା

ମେଳା ତ ଅନେକ ରହିଥାଏ । ମେଳାକୁ ଆକର୍ଷଣୀୟ କରିବା ପାଇଁ କେତେକ ସ୍ଥାନରେ ଗୋରୁଗାଈ ତ ଆଉ କେଉଁଠି କଣ୍ଢେଇ, ଖେଳନାମାନ ବିକ୍ରି କରାଯାଇଥାଏ । ହେଲେ ଭୂତମାନଙ୍କୁ ନେଇ କେବେ କୌଣସି ମେଳା ହେଉଥିବା ବିଷୟରେ ଶୁଣିଛନ୍ତି । କିନ୍ତୁ ଏପରି ଏକ ମେଳା ମିର୍ଜାପୁରର କୋହରୋରାର ବରହି ଗ୍ରାମରେ ବେଚୁବୀର ବାବାଙ୍କ ସମାଧି ଉପରେ ହୋଇଥାଏ । ଏହି ମେଳାରେ ଭୂତ, ପ୍ରେତ ଏବଂ ଡାହାଣୀମାନଙ୍କର ମେଳା ହୋଇଥାଏ । ଅନ୍ଧବିଶ୍ୱାସ ସହିତ ଜଡ଼ିତ ଏହି ମେଳାରେ ଭୂତ-ପ୍ରେତଙ୍କ ପ୍ରକୋପରୁ ଲୋକମାନଙ୍କୁ ମୁକ୍ତି ଦିଆଯାଇଥାଏ । ଅନ୍ଧବିଶ୍ୱାସର ଏ ସମସ୍ତ ଖେଳ ସ୍ଥାନୀୟ ପୋଲିସ କର୍ମଚାରୀମାନଙ୍କ ସାମ୍ନାରେ ହୋଇଥାଏ । ଏହି ମେଳା ୩୫୦ବର୍ଷରୁ ହୋଇଆସିଲାଣି । ଅନ୍ଧବିଶ୍ୱାସର ଏହି ମେଳାରେ ଅଭିଯୋଗ ନେଇ ମଣିଷମାନେ ଆସିଥାନ୍ତି । ଯଦି କୌଣସି ବ୍ୟକ୍ତିଙ୍କ ଉପରେ ଭୂତ କିମ୍ବା ପ୍ରେତଙ୍କର ପ୍ରଭାବ ରହିଥାଏ ତେବେ ତାଙ୍କୁ ଏହି ସଂକଟରୁ କେବଳ ବେଚୁବିର ବାବା ହିଁ ମୁକ୍ତ କରିପାରିବେ । ଏଠାକୁ ଅନେକ ଦୂର ଦୂରାନ୍ତରୁ ଲୋକମାନେ ଚିକିତ୍ସା କରିବା ପାଇଁ ଆସିଥାନ୍ତି । ବେଚୁ ବାବାଙ୍କ ସମାଧିର ଦେଖାଶୁଣା ତାଙ୍କର ଏହି ଛଅ ବଶଂଜ କରିଥାନ୍ତି । ଏଠାରେ ଭୂତ-ପ୍ରେତଙ୍କ ବ୍ୟତୀତ ନିଃସନ୍ତାନ ଲୋକମାନେ ମଧ୍ୟ ଆସିଥାନ୍ତି ।

୧୦୬୮ଟଙ୍କାର କିଟ୍‌କାଟ୍

ଯଦି ଆପଣ ଚକୋଲେଟ୍ ଖାଇବାର ସୌଖୀନ୍ ତେବେ ଆପଣଙ୍କ ପାଇଁ ଏକ ବଡ଼ ଖୁସି ଖବର । ପ୍ରସିଦ୍ଧ କମ୍ପାନୀ ନେସ୍‌ଲେ ଜାପାନରେ ଗୋଟିଏ ନୂଆ ପ୍ରଡ଼କ୍ଟ ଲଞ୍ଚ କରିଛନ୍ତି । ଏହି ପ୍ରଡ଼କ୍ଟ ହେଉଛି ଗୋଟିଏ ଚକୋଲେଟ୍ । କିନ୍ତୁ ଏହା ଏକ ସାଧାରଣ ଚକୋଲେଟ୍ ନୁହେଁ । ସୁନାରେ ପ୍ରସ୍ତୁତ ଚକୋଲେଟ୍ । ନେସ୍‌ଲେ ଏହି ଚକୋଲେଟ୍‌ର ଉତ୍ପାଦନ କମ୍ପାନୀର ଚକଲେଟ୍ରୀ ବୁଟିକ୍ ପାଇଁ କରିଛନ୍ତି । ଏହାକୁ ଖାଇବା ଯୋଗ୍ୟ କରିବା ପାଇଁ ସେଥିରେ ସୁନାରେ ପତଳା କୋର୍ଟ ଦିଆଯାଇଛି । ଏବେ ଚକୋଲେଟ୍‌କୁ ୱାନ୍ ଫିଙ୍ଗର କିଟ୍‌କାଟ୍ ଚକୋଲେଟ୍ ଆକାରରେ ଲଞ୍ଚ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ କମ୍ପାନୀ ଡିସେମ୍ବରର ଶେଷ ଆଡ଼କୁ ୫୦୦ ଚକୋଲେଟ୍‌କୁ ଜାପାନ୍‌ର ୮ଟି କିଟ୍‌କାଟ୍ ବୁଟିକ୍‌ରେ ବିକ୍ରି କରିବେ

। ସୁନାର ପରସ୍ତ ପଡ଼ିଥିବା ଏହି ଚକୋଲେଟ୍‌ର ଜାପାନ ମୂଲ୍ୟ ୨,୦୧୬ୟେନ୍(୧୬ଡଲାର) ଦାମରେ ବିକ୍ରି କରାଯିବ । ଯାହାର ଭାରତୀୟ ମୂଲ୍ୟ ୧.୦୬୮ଟଙ୍କା ହେବ । ଜାପାନରେ ନେସଲେ ୩୦ପ୍ରକାରର କିଟ୍‌କାଟ୍ ବିକ୍ରି କରିଥାଏ ।

ପୁରାଣ କାହାଣୀ

ହଜିଯାଇଥିବା ଜିନିଷ ଖୋଜି ଆଣିବ ସୁଦର୍ଶନ ଚକ୍ର

ଜୀବନରେ କୌଣସି ଜିନିଷ ହଜିଯିବା, କେଉଁଠି ରଖି ଭୁଲିଯିବା, ହଜିଯାଇଥିବା ଜିନିଷ ଖୋଜିଲେ ନ ମିଳିବା ଆଦି ସମସ୍ୟା ସ୍ୱାଭାବିକ୍ ଭାବେ ଘଟିଥାଏ । ଯାହା ମନକୁ ଭାରାକ୍ରାନ୍ତ କରିଦିଏ । ଏଭଳି ପରିସ୍ଥିତିରେ କାର୍ତ୍ତବିୟାର୍ଜୁନ୍ ରାଜା ଯିଏ ହେୟ ବଂଶର ତଥା ଭଗବାନ ବିଷ୍ଣୁଙ୍କ ସୁଦର୍ଶନ ଚକ୍ରର ଅବତାର ବୋଲି କୁହାଯାଇଥାଏ । ତାଙ୍କର ସାଧନା କରିବା ଦ୍ୱାରା ଏହି ସବୁ ସମସ୍ୟାରୁ ତୁରନ୍ତ ମୁକ୍ତି ମିଳିଥାଏ । ପୁରାଣରେ ବର୍ଣ୍ଣିତ ହୋଇଛି ଯେ ସୁଦର୍ଶନ ଚକ୍ର ଯେ କୌଣସି ଦିଗକୁ ଯାଇ ହଜିଥିବା ଜିନିଷ ଖୋଜି ଆଣିବାରେ ସାହାଯ୍ୟ କରିଥାଏ । ଏହାର ସାଧନା ପାଇଁ ଦୀପ ଜଳାଇ ପୂର୍ବ ଅଥବା ଉତ୍ତର ଦିଗ ପଟକୁ ମୁହଁ କରି ବସନ୍ତୁ । ହଜିଯାଇଥିବା ଜିନିଷକୁ ଭାବନାରେ ଆଣି ଭଗବାନ ବିଷ୍ଣୁଙ୍କର ସୁଦର୍ଶନ ରୂପକୁ ସ୍ମରଣ କରି ଧ୍ୟାନ କରନ୍ତୁ ।

ନ୍ୟୁଡ ସେଲଫି ବଦଳରେ ମିଳୁଛି ଋଣ

ବେଜିଂ ସାଧାରଣତଃ ଋଣ ପ୍ରଦାନ ସମୟରେ ବ୍ୟାଙ୍କ କର୍ତ୍ତୃପକ୍ଷ ଘର କିମ୍ବା ଜମି ପଟ୍ଟାକୁ ବନ୍ଦକ ରଖିଥାନ୍ତି । ହେଲେ ଚୀନର ଏକ ବ୍ୟାଙ୍କ ଗ୍ୟାରେଣ୍ଟି ବାବଦରେ ଝିଅଙ୍କ ଅଶ୍ଳିଳ ଫଟୋକୁ ଗ୍ରହଣ କରୁଛି । ସର୍ତ୍ତ ରହିଛି ଯଦି ସଠିକ ସମୟରେ ଋଣ ପରିଶୋଧ କରାନଯାଏ ତେବେ ଏହି ଫଟୋକୁ ସାର୍ବଜନୀନ କରାଯିବ । ଚୀନରେ ଜିଏଦାଇବାଓ ନାମକ ଏକ କମ୍ପାନୀ ଲୋକଙ୍କୁ ବ୍ୟବସାୟ ଏବଂ ଆବଶ୍ୟକୀୟ ସାମଗ୍ରି କ୍ରୟ ପାଇଁ ଅନଲାଇନରେ ଋଣ ପ୍ରଦାନ କରୁଛି । ତେବେ ଋଣ ପାଇଁ ଗ୍ୟାରେଣ୍ଟର ଭାବେ ଝିଅ

ପିଲାଙ୍କୁ ଅନଲାଇନରେ ନ୍ୟୁଡ ଫଟୋ ଦେବାକୁ କୁହାଯାଉଛି । ଏଥିରେ ଝିଅମାନେ ନିଜ ପରିଚୟ ପତ୍ର ସହ ଫଟୋ ଦେଉଛନ୍ତି । କୁହାଯାଇଛି ଯେ ଯଦି ସଠିକ ସମୟରେ ଋଣ ଅର୍ଥ ପୈଠ ନହୁଏ ତେବେ ଏହି ଫଟୋ ପରିବାର ଏବଂ ପରିଚିତ ଲୋକମାନଙ୍କୁ ପଠାଇବା ସହ ସୋସିଆଲ ସାଇଟରେ ମଧ୍ୟ ସେୟାର କରାଯିବ । କମ୍ପାନୀଟି ୩୦% ସାପ୍ତାହିକ ସୁଧରେ ଏହି ଅର୍ଥ ଆବଶ୍ୟକୀୟ ଲୋକଙ୍କୁ ପ୍ରଦାନ କରୁଛି । ମିଳିଥିବା ସୂଚନା ଅନୁସାରେ ଏହି କମ୍ପାନୀଟି ଅଦ୍ୟାବଧି ୧୬୦ଜଣ ଝିଅଙ୍କ ଫଟୋକୁ ସୋସିଆଲ ସାଇଟରେ ଛାଡି ସାରିଲେଣି । ଘଟଣାକୁ ନେଇ ବିଶ୍ୱବ୍ୟାପୀ ତୀବ୍ର ପ୍ରତିକ୍ରିୟା ଆରମ୍ଭ ହୋଇଥିଲା ବେଳେ କମ୍ପାନୀକୁ ବନ୍ଦ କରିବା ପାଇଁ ଦାବି ତେଜିଲାଣି ।

ଖାତାକୁ ଆସିଲା ୩୧କୋଟି, ଗହଣା ଏବଂ କପଡ଼ା ପାଇଁ କରିଦେଲେ ଖର୍ଚ୍ଚ

ସିଡନୀ ଭାରତରେ ନୋଟରଦ୍ଦ ନିଷ୍ପତ୍ତି କାରଣରୁ ଅନେକ କଳାଧନକୁ ଧଳା କରିବା ପାଇଁ ଅନ୍ୟମାନଙ୍କ ଆକାଉଣ୍ଟରେ ଅର୍ଥ ଜମା କରୁଥିବା ଘଟଣା ଏବେ ଦେଖିବାକୁ ମିଳୁଛି । ସେହିପରି ଭୁଲରେ ମଧ୍ୟ ବ୍ୟାଙ୍କ

ଅଧିକାରୀମାନେ ଜଣଙ୍କ ସ୍ଥାନରେ ଅନ୍ୟଜଣଙ୍କ ଆକାଉଣ୍ଟରେ ଟଙ୍କା ଜମା କରିଦେଉଛନ୍ତି । ବ୍ୟାଙ୍କର ଏହି ତ୍ରୁଟି ଯୋଗୁ ଜଣେ ଛାତ୍ରଙ୍କୁ କୋର୍ଟର ଚକ୍କର କାଟିବାକୁ ପଡିଛି । ମାମଲାଟି ୨୦୧୨ ମସିହାର । ବ୍ୟାଙ୍କ ପକ୍ଷରୁ ଭୁଲରେ ମାଲେସିଆର ଜଣେ ୨୧ବର୍ଷୀୟ ଛାତ୍ରୀ କ୍ରିଷ୍ଟିନାଙ୍କ ଖାତାକୁ ଆସିଥିଲା ୩୧କୋଟି ଟଙ୍କା । ୨୦୧୪ ଜୁଲାଇ ମାସରେ ଏ ସମ୍ପର୍କରେ କ୍ରିଷ୍ଟିନା ଜାଣିପାରିଥିଲେ । ପରେ ଏହି ଟଙ୍କାରେ ସେ ଗହଣା,ପ୍ରଶାଧନ ସାମଗ୍ରିଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଜିନିଷ କ୍ରୟ କରିଥିଲେ । ଏପରିକି ଗୋଟିଏ ଦିନ ସେ ଦେଢକୋଟି ଟଙ୍କାର କିଣାବିକା କରିଥିଲେ । ଗତବର୍ଷ ଏହି ତ୍ରୁଟି ସମ୍ପର୍କରେ ବ୍ୟାଙ୍କ କର୍ତ୍ତୃପକ୍ଷ ଅବଗତ ହେବାପରେ କ୍ରିଷ୍ଟିନାଙ୍କୁ ଫୋନ କରି ତୁରନ୍ତ ଟଙ୍କା ଫେରାଇବା ପାଇଁ ଅନୁରୋଧ କରିଥିଲେ । ହେଲେ କ୍ରିଷ୍ଟିନା କହିଥିଲେ ଯେ ମୁଁ ଭାବିଥିଲି ଏହି ଟଙ୍କା ମୋତେ ମୋ ବାପା ପଠାଇଛନ୍ତି । ପରେ ଘଟଣାଟି କୋର୍ଟରେ ପହଞ୍ଚିଥିଲା । ଗତ ମଙ୍ଗଳବାର ଦିନ ଡାଉନିଂ ସେଣ୍ଟର କୋର୍ଟରେ କ୍ରିଷ୍ଟିନା ଉପସ୍ଥିତ ହୋଇ ନିଜ ଯୁକ୍ତି ରଖିଥିଲେ । ପରେ ଏହି ମାମଲାରେ କୋର୍ଟ ତାଙ୍କୁ ସମ୍ମାନର ସହ ମୁକ୍ତି କରିଛି ।

ଖରିଫ୍ ଧାନ ସଂଗ୍ରହ ପାଇଁ ଚାଷୀ ନାମପଂଜୀକରଣରେ ୧୩ ପ୍ରତିଶତ ବୃଦ୍ଧି

ଭୁବନେଶ୍ୱର,(ପିଏନ)-୨୦୨୦-୨୧ ଖରିଫ୍ ବିପଣନ ଋତୁରେ ମୂଲ୍ୟ ସହାୟକ ଯୋଜନାରେ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ଚାଷୀ ନାମ ପଂଜୀକରଣ ଗତବର୍ଷ ତୁଳନାରେ ଉଲ୍ଲେଖନୀୟ ୧୩ ପ୍ରତିଶତ ବୃଦ୍ଧି ପାଇଛି । ୨୦୨୦-୨୧ ଖରିଫ୍ ଧାନ ସଂଗ୍ରହ ପାଇଁ ଅଦ୍ୟାବଧି ମୋଟ ୧୪ ଲକ୍ଷ ୨ ହଜାର ୨୦୫ ଜଣ ଚାଷୀ ଅନ୍ ଲାଇନ୍ ଜରିଆରେ ସେମାନଙ୍କ ନାମ ପଂଜୀକରଣ କରିଛନ୍ତି । ଗତବର୍ଷ ୨୦୧୯-୨୦ ଖରିଫ୍ ଧାନ ନିମନ୍ତେ ୧୨ ଲକ୍ଷ ୩୫ ହଜାର ୯୦୮ ଜଣ ଚାଷୀ ନାମ ପଂଜୀକରଣ କରିଥିଲେ ।

କୋଭିଡ୍-୧୯ ସ୍ଥିତିରେ ସରକାରଙ୍କ ସମସ୍ତ ମାର୍ଗଦର୍ଶିକା ଓ ସାମାଜିକ ଦୂରତ୍ୱ ଅନୁପାଳନ କରି ବିଭାଗ ଦ୍ୱାରା ପ୍ୟାକ୍ସ ଓ ଲ୍ୟାମ୍ପସ୍ ମାଧ୍ୟମରେ ଚାଷୀ ନାମ ପଂଜୀକରଣ କାର୍ଯ୍ୟ ସୁରୁଖୁରୁରେ କରାଯାଇପାରିଛି ଏବଂ ଗତବର୍ଷ ତୁଳନାରେ ୧ ଲକ୍ଷ ୬୬ ହଜାର ୨୯୭ ଜଣ ଅଧିକ ଚାଷୀ ସେମାନଙ୍କ ଖରିଫ୍ ଧାନ ବିକିବା ନିମନ୍ତେ ନାମ ପଂଜୀକରଣ କରିଥିବାରୁ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସମସ୍ତ କୃଷକ ଭାଇ ଏବଂ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ସାଧୁବାଦ ଜଣାଇଛନ୍ତି । ରାଜ୍ୟର ୩୦ଟି ଜିଲ୍ଲାରେ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ୨୮୫୨ଟି ପ୍ୟାକ୍ସ ଜରିଆରେ ନାମ ପଂଜୀକରଣ କାର୍ଯ୍ୟ କରାଯାଉଛି । ୨୦୨୦-୨୧ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ରାଜ୍ୟର ପ୍ରାୟ ପ୍ରତିଟି ଜିଲ୍ଲାରେ ଗତବର୍ଷ ତୁଳନାରେ ନାମ ପଂଜୀକରଣ ସଂଖ୍ୟା ବୃଦ୍ଧି ପାଇଥିବାବେଳେ ନୂଆପଡ଼ା ଜିଲ୍ଲାରେ ଉଲ୍ଲେଖନୀୟ ୩୫ ପ୍ରତିଶତ ବୃଦ୍ଧି ପାଇଛି । ଏତଦ୍ ବ୍ୟତୀତ ବଲାଙ୍ଗୀର ଓ ଯାଜପୁର ଜିଲ୍ଲାରେ ୨୯ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ମୟୂରଭଞ୍ଜ ଜିଲ୍ଲାରେ ୨୮ ପ୍ରତିଶତ, ଝାରସୁଗୁଡ଼ାରେ ୨୩ ପ୍ରତିଶତ, ଦେବଗଡ଼ରେ ୨୨ ପ୍ରତିଶତ, ଭଦ୍ରଖରେ ୨୦ ପ୍ରତିଶତ, ଢେଙ୍କାନାଳରେ ୧୯ ପ୍ରତିଶତ, ଅନୁଗୋଳ, ଜଗତସିଂହପୁର ଓ କୋରାପୁଟରେ ୧୮ ପ୍ରତିଶତ ଲେଖାଏଁ ନାମ ପଂଜୀକରଣ ବୃଦ୍ଧି ପାଇଛି । ସେହିପରି କଟକ ଜିଲ୍ଲାରେ ଚାଷୀ ନାମ ପଂଜୀକରଣ ୧୭ ପ୍ରତିଶତ, ସମ୍ବଲପୁରରେ ୧୬ ପ୍ରତିଶତ, ବାଲେଶ୍ୱର ୧୫ ପ୍ରତିଶତ, ବରଗଡ଼ରେ ୧୫ ପ୍ରତିଶତ ଏବଂ ସୁନ୍ଦରଗଡ଼ରେ ୧୩ ପ୍ରତିଶତ ବୃଦ୍ଧି ପାଇଛି ।

ସନ୍ତାନ ଓ ଚାକିରି ଛାଡ଼ି ଆଇଏସ ବିରୋଧରେ ବନ୍ଧୁକ ଉଠାଇଲେ ମହିଳା

ସିରିୟାର ବେବିଲୋନିଆ ତାଙ୍କର ଦୁଇ ସନ୍ତାନ



ଓ ହେୟାର ଡ୍ରେସର ଚାକିରି ଛାଡି ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଂଗଠନ ଆଇଏସଆଇଏସ ବିରୋଧରେ ବନ୍ଧୁକ ଉଠାଇଛନ୍ତି । ସେ ଆଇଏସ ବିରୋଧରେ ଲଢୁଥିବା ଖ୍ରୀଷ୍ଟିଆନ ଫିମେଲ ପ୍ରୋଟେକସନ ଗ୍ରୁପରେ ସାମିଲ ହୋଇଛନ୍ତି । ୩୬ ବର୍ଷୀୟା ବେବିଲୋନିଆ ସିରିୟାର ଉତ୍ତର-ପୂର୍ବରେ ହଶକାହ ପ୍ରଦେଶରେ ଖ୍ରୀଷ୍ଟିଆନ ସଂଖ୍ୟାଲଘୁ ସଂପ୍ରଦାୟର ମହିଳା । ଏହି ଗ୍ରୁପରେ ୫୦ ମହିଳା ଅଛନ୍ତି ଏବଂ ଏମାନଙ୍କ ପ୍ରଶିକ୍ଷଣ ଶିବିର ସିରିୟାର ଅଲ-କହତନିଏ ସହରରେ ରହିଛି । ବେବିଲୋନିଆ କହିଛନ୍ତି ପିଲାଙ୍କ ଭବିଷ୍ୟକୁ ସୁରକ୍ଷିତ କରିବା ପାଇଁ ସେ ଆଇଏସଆଇଏସ ବିରୋଧରେ ଅସ୍ତ୍ର ଉଠାଇଛନ୍ତି । ସିରିୟାରେ ୮୯ହଜାର ଖ୍ରୀଷ୍ଟିଆନ ବସବାସ କରୁଥିଲେ ହେଁ ଆଇଏସ ଆତଙ୍କବାଦୀଙ୍କ ଭୟରେ ଏମାନଙ୍କ ସଂଖ୍ୟା ଦ୍ରୁତ ହ୍ରାସ ପାଉଛି ।

ଆଜିର ଭାଗ୍ୟ

ମେଷ
କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ । ଆନୁଷ୍ଠାନିକ କାମରେ ସଫଳତା ପାଇବେ । ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ । ପରିବହନରେ ଉନ୍ନତି କରିବେ । ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ ।

ବୃଷ
ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ । ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି । ସ୍ଥଗିତ କାମକୁ ତ୍ୱରାନିତ କରିବେ । ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ । ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି ।

ମିଥୁନ
କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି । ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ । ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ । ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ ।

କର୍କଟ
ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶ୍ରୁତି ପାଇ ଆସ୍ୱସ୍ଥି ଅନୁଭବ କରିବେ । ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ । ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ ।

ସିଂହ
ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ । କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି । ବକେୟା ଟଙ୍କା ମିଳିବାର ଯୋଗ ରହିଛି । ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ ।

କନ୍ୟା
ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ । ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ । ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ । ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ ।

ତୁଳା
ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ । ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ । ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ ।

ବିଛା
ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ । ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ । ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ । ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ ।

ଧନୁ
ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ । ଶାରୀରିକ ଅସୁସ୍ଥତା ଫେରି ପାଇବ । ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ । ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ମହିଳାଙ୍କ ମନୋବଳ ଦୃଢ଼ ରହିବ ।

ମକର
କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ । ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ । ମହିଳାମାନେ ଅଶାନ୍ତି ରହିବେ ।

କୁମ୍ଭ
ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ । ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ । ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ ।

ମୀନ
କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ । ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ । ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ । ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ ।

ସୁନ୍ଦର ଆଖି

ମଣିଷ ଶରୀରରେ ଆଖି ହେଉଛି ସବୁଠାରୁ ସୁନ୍ଦର ଭାଗ । ଯାହା ଆପଣଙ୍କ ସୁନ୍ଦରତାକୁ ଆହୁରି ବଢାଇ ଦେଇଥାଏ । ଯଦି ଆପଣ ଆପଣଙ୍କ ଆଖିକୁ ସୁନ୍ଦର କରିବାକୁ ଚାହାନ୍ତି ତେବେ, ସ୍ପୋମିକ ଆଇଜ୍ ପାଇଁ ସର୍ବଦା ଗ୍ରେ ଏବଂ କଳା ରଙ୍ଗର ଆଇସ୍ୟାଡୋର ମିଶ୍ରଣକୁ କଳା ସହିତ ଲଗାନ୍ତୁ । ଏଥିପାଇଁ ସର୍ବପ୍ରଥମେ ଆଇବ୍ରୋର ତଳ ଭାଗରେ ରହିଥିବା ହାଡରୁ ଟିକେ ତଳକୁ ଆଖିପତାରେ ଗ୍ରେ ରଙ୍ଗର ଆଇସ୍ୟାଡେ ଲଗାନ୍ତୁ । ଏହାପରେ ଆଖିର ତଳ ଏବଂ ଉପର ଦୁଇ ଭାଗରେ କଳା ଲଗାନ୍ତୁ । ଏହା ଆଖିର ସୁନ୍ଦରତା ବଢେଇ ଦେଇଥାଏ ।

କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ହାନିକାରକ

ଆପଣଙ୍କ ଶରୀର ପାଇଁ କ୍ଷତିକାରୀ ସାବ୍ୟସ୍ତ ହୋଇପାରେ । ନିକଟରେ କରାଯାଇଥିବା ଏକ ଗବେଷଣାରୁ ଜଣାଯାଇଛି କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ଓ ଲୁଣ ପ୍ରତିକ୍ରିୟା କରି ଏଭଳି ଏକ ହାନିକାରକ ରସାୟନ ନିର୍ମାଣ କରୁଛନ୍ତି, ଯାହା ଆପଣଙ୍କୁ ଡାକ୍ତରଖାନାରେ ପହଞ୍ଚାଇଦେବ । ଗବେଷକମାନେ ଅନେକ ଅଣୁମାନଙ୍କର ସନ୍ଧାନ କରିଛନ୍ତି, ଯାହା ସମ୍ପୂର୍ଣ୍ଣ ନୂଆ ଓ କ୍ଲୋରାମିନ୍ ଯୁକ୍ତ ପାଣି ଓ ଖାଦ୍ୟରେ ଥିବା ଆୟୋଡ଼ିନ୍ ଯୁକ୍ତ ଲୁଣ ମଧ୍ୟରେ

ପ୍ରତିକ୍ରିୟାରୁ ସୃଷ୍ଟି ହୋଇଛନ୍ତି । ପାଣିକୁ ସ୍ୱଚ୍ଛ କରିବା ପାଇଁ ସେଥିରେ କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍‌ର ଅଣୁ ମିଶାଯାଇଥାଏ । ଗବେଷକଙ୍କ ମତରେ ପାଇପ୍ ପାଣିରେ ଉପସ୍ଥିତ ଥିବା କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍ସ ଆୟୋଡ଼ିନ୍ ଲୁଣ ସହ ପ୍ରତିକ୍ରିୟା କରି ହାଇପୋଆୟୋଡ଼ସ୍ ଏସିଡ଼ ନିର୍ମାଣ କରିଥାଏ । ଯାହା ସାଧାରଣତଃ ହାନିକାରକ ନୁହେ

ସାହିତ୍ୟ ସାରଥି-ଗୌରୀଶଙ୍କର

ଅକ୍ଷୟ କୁମାର ରାଉତ

ଓଡିଆ ଜାତି ଦାରୁଣ ସଙ୍କଟର ସମ୍ମୁଖୀନ ହୋଇ ଅତ୍ୟାଚାର, ଅନ୍ୟାୟ, ଅନୀତି, ପରାଧୀନତାରେ ସଢୁଥିବା ବେଳେ ଉତ୍କଳର ପ୍ରାଣ, ପ୍ରଜ୍ଞାପୁରୁଷ ସାହିତ୍ୟ ସାରଥୀ ପ୍ରବୀଣ ସାମ୍ବାଦିକ କର୍ମବୀର ଗୌରିଶଙ୍କର କଟକ ଜିଲ୍ଲାର ଦୀକ୍ଷିତ ପଡାରେ ୧୮୩୮ ମସିହା ଜୁଲାଇ ୧୩ ତାରିଖ ଆଷାଢ ମାସ ଶୁକ୍ଳ ପକ୍ଷ ଚତୁର୍ଦ୍ଦଶୀ ତିଥିରେ ପିତା ସଦାଶିବ ରାୟ ଓ ମାତା ଅନ୍ନପୂର୍ଣ୍ଣା ଦେବୀଙ୍କ କୋଳ ମଣ୍ଡନ କରିଥିଲେ। ତାଙ୍କର ପୂର୍ବପୁରୁଷମାନେ ଷୋଡଶ ଶତାବ୍ଦୀରେ ବର୍ଦ୍ଧମାନ ଜିଲ୍ଲାସ୍ଥ ଚମ୍ପାପୁରରୁ ଆସି ଓଡିଶାର ଦୀକ୍ଷିତ ପଡାରେ ବାସ କରୁଥିଲେ। ତାଙ୍କ ସାଙ୍ଗିଆ ଥିଲା ବସୁ ବା ବୋଷ ପରେ ସେ ରାୟ ଭାବରେ ପରିଚିତ ହେଲେ। ଶିବ ପାର୍ବତୀଙ୍କ ଆଶୀର୍ବାଦରେ ଜନ୍ମ ହୋଇଥିବାରୁ ତାଙ୍କର ନାମ ଗୌରୀଶଙ୍କର ରଖାଯାଇଥିଲା।

ପିଲାଦିନେ ଗୌରୀଶଙ୍କର ଗାଁ ଚାଟଶାଳିରେ ଓଡିଆ ଭାଷା ଶିକ୍ଷା ଆରମ୍ଭ କରିଥିଲେ, ପରେ ସେ ସରକାରୀ ଭାଷା ପାର୍ସୀକୁ ଗୁରୁ ମକ୍ତବର ଅଖୁନଜୀଙ୍କଠାରୁ ଶିକ୍ଷା କରିଥିଲେ। ରେଭେନ୍‌ସା କଲିଜିଏଟ୍ ବିଦ୍ୟାଳୟରୁ ଏଣ୍ଟ୍ରାସ ପରୀକ୍ଷାରେ କୃତିତ୍ୱ ପ୍ରଦର୍ଶନ କରି ବୃତି ପାଇ ଉଚ୍ଚଶିକ୍ଷା ନିମନ୍ତେ କଟକରୁ ହୁଗୁଳି ଯାତ୍ରା କରିଥିଲେ। ବାପାଙ୍କ ଆଦେଶରେ ଗୌରୀଶଙ୍କର ହୁଗୁଳିରୁ କଟକ ଫେରି କକା ଭବାନୀ ପ୍ରସାଦଙ୍କ ପରାମର୍ଶ କ୍ରମେ ବାଲେଶ୍ୱର ସ୍କୁଲରେ ତୃତୀୟ ଶିକ୍ଷକ ଭାବେ ମାସିକ ୨୦ ଟଙ୍କା ଦରମାରେ ନିଯୁକ୍ତ ହେଲେ। ସେହି ସମୟରେ ସେ ସ୍କୁଲରେ ରାଧାନାଥ ରାୟ ଓ ବୈକୁଣ୍ଠ ନାଥ ଦେ ପାଠ ପଢୁଥିଲେ। ୧୮୫୯ ମସିହାରେ କମିସନରଙ୍କ ଅଫିସରେ ଜଣେ ଅମଲା ଭାବେ ନିଯୁକ୍ତ ହେଲେ। କମିଶନର ମି. ଜି.ଏଫ୍ କକବର୍ଣ ତାଙ୍କ କାର୍ଯ୍ୟଦକ୍ଷତାରେ ସନ୍ତୁଷ୍ଟ ହୋଇ ସ୍ଥାୟୀ କିରାଣି ପଦରେ ନିଯୁକ୍ତ କରିଥିଲେ। ଗୌରୀଶଙ୍କର ମନିଅର୍ଡର ଏଜେଣ୍ଟ ଓ ଟ୍ରେଜେରୀ କିରାଣି ଷ୍ଟାଫ୍ ଭାବରେ କାମ କରୁଥିବା ସମୟରେ ଜଏଣ୍ଟ ମାଜିଷ୍ଟ୍ରେଟ ଆମଷ୍ଟ୍ରଙ୍ଗ୍ ସାହେବଙ୍କ ମନିଅର୍ଡରକୁ ସମୟ ଗଡିଯାଇଥିବାରୁ ଫେରାଇ ଦେଇଥିଲେ। ଏହି କଥାରେ ଆମଷ୍ଟ୍ରଙ୍ଗ୍ ରାଗିଥିଲେ ମଧ୍ୟ ପରେ ଗୌରୀଶଙ୍କରଙ୍କର ମହାନତା ପାଖରେ ହାର ମାନିଥିଲେ। ୧୨ ବର୍ଷ କିରାଣି ପଦବୀରେ କାର୍ଯ୍ୟ କରିବା ପରେ କଟକ ଅଦାଲତରେ ଟ୍ରାନ୍ସଲେଟର ପୋଷ୍ଟରେ ମି ମାକ୍ ଫରସନ୍ ମାସିକ ୧୦୦ଟଙ୍କା ଦରମାରେ ନିଯୁକ୍ତି ଦେଲେ। ଉକ୍ତ ଚାକିରିରେ ପ୍ରାୟ ୨୦ ବର୍ଷ ସେ କାମ କରିଥିଲେ। ଗୌରୀଶଙ୍କର ରଘୁନାଥପୁର ମାଣିକରାମ ମିତ୍ରଙ୍କ କନ୍ୟାଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ତାଙ୍କର ଦାମ୍ପତ୍ୟ ଜୀବନ ସୁଖମୟ ଥିଲେ ମଧ୍ୟ ତାଙ୍କ ଔରସରୁ ଜନ୍ମିତ ପୁଅମାନଙ୍କର ଅକାଳ ବିୟୋଗ ଘଟିଥିଲା, କେବଳ ତିନୋଟି କନ୍ୟା ସନ୍ତାନ ଜୀବିତ ଥିଲେ । ୧୮୭୫ ମସିହାରେ ତାଙ୍କ ପତ୍ନୀଙ୍କର ବିୟୋଗ ଘଟିଲା। ସେ ପୁନଃ ବିବାହ ନକରି ବ୍ରହ୍ମଚାରୀ ଜୀବନ ଅତିବାହିତ କଲେ।

ନଅଙ୍କ ଦୁର୍ଭିକ୍ଷ ସମୟରେ ଗୌରୀଶଙ୍କର ଦେବଦୂତ ପରି ଓଡ଼ିଆମାନଙ୍କୁ ଜୀଇଁବାକୁ ରାହା ଦେଖାଇଥିବାରୁ ତାଙ୍କର ଲିଖିତ ଅଭିଯୋଗ ମି. ଜର୍ଜ. କାଂପେଲ ଖଜଣା ଛାଡ଼ କରିବା ଓ ବନ୍ଦୋବସ୍ତର ମିଆଦ ୩୦ବର୍ଷକୁ ବଢାଇ ଦେଇଥିଲେ। ନଅଙ୍କ ଦୁର୍ଭିକ୍ଷର ଭୟାବହତାର ଅନୁଭବ ଗୌରୀଶଙ୍କରଙ୍କୁ ବ୍ୟଥିତ କଲା। ଗୌରୀଶଙ୍କର, ବିଚିତ୍ରାନନ୍ଦ ଦାସ, ଜଗମୋହନ ରାୟ ତିନିଜଣ ମିଳିତ ହୋଇ ୭୫୦୦ ଟଙ୍କାରେ କଟକ ପ୍ରିଣ୍ଟିଂ ପ୍ରେସ୍ ପ୍ରତିଷ୍ଠା କରିଥିଲେ। ଏହାପୂର୍ବରୁ ଖ୍ରୀଷ୍ଟଧର୍ମ ସମ୍ପର୍କିତ ପୁସ୍ତକ ଛାପା ପାଇଁ ମିଶନ ପ୍ରେସ୍ ନାମକ ଏକ ପ୍ରେସ୍ ଓଡ଼ିଶାରେ ଥାଏ। କଟକ ପ୍ରିଣ୍ଟିଂ କମ୍ପାନୀର ଗୌରୀଶଙ୍କର ସେକ୍ରେଟେରି ଓ ପରିଚାଳକ ଥିଲେ। ଓଡ଼ିଆ ପାଂଜିକୁ ପ୍ରଥମ ଥର ପାଇଁ କଟକ ପ୍ରିଣ୍ଟିଂ କମ୍ପାନୀ ପ୍ରକାଶ କଲା। ତା'ପରେ ସିଦ୍ଧାନ୍ତ ଦର୍ପଣ। ଗୌରୀଶଙ୍କରଙ୍କ ପ୍ରଚେଷ୍ଟାରେ କଟକ ପ୍ରିଣ୍ଟିଂ ପ୍ରେସ୍ ସମଗ୍ର ଓଡ଼ିଶାର ସଂସ୍କୃତିକ, ସାହିତ୍ୟିକ, କଳା, ଭାସ୍କର୍ଯ୍ୟ ଓ ରାଜନୈତିକ ଅଲୋଚନା ଓ କ୍ରିୟାକଳାପର କେନ୍ଦ୍ରସ୍ଥଳୀ ପାଲଟିଗଲା। ୧୮୬୬ ମସିହା ଅଗଷ୍ଟ ମାସରୁ ଉତ୍କଳ ଦୀପିକା ପ୍ରକାଶ ପାଇଲା। 'ଉତ୍କଳ ଦୀପିକା' ଉତ୍କଳ ଭାଷାର ସୁରକ୍ଷା, ରାଜା ପ୍ରଜାଙ୍କର ମତ ଓ ସାମାଜିକ ସ୍ଥିତି ଉପରେ ଗୁରୁତ୍ୱ ଆରୋପ କରି ଉତ୍କଳର ମୁଖପତ୍ରରୂପେ ରାଜଦ୍ୱାରରେ ଗୃହିତ ହେଉଥିଲା। ଦୀର୍ଘ ୫୦ ବର୍ଷ ଧରି ଗୌରୀଶଙ୍କର 'ଉତ୍କଳ ଦୀପିକା'ର ପ୍ରତିଷ୍ଠାତା ସମ୍ପାଦକ ଭାବେ କାର୍ଯ୍ୟ କରୁଥିଲେ। 'ଉତ୍କଳ ଦୀପିକାରେ' ଗଳ୍ପ, କବିତା, ପ୍ରବନ୍ଧ, ଇତିହାସ, ରାଜନୈତିକ କାର୍ଯ୍ୟକଳାପ ଆଦି ବିଭିନ୍ନ ଦିଗ ଉପରେ ସାରଗର୍ଭକ ଆଲୋଚନାମୂଳକ ଲେଖାମାନ ପ୍ରକାଶ ପାଉଥିଲା। ପଣ୍ଡିତ ଗୋବିନ୍ଦ ରଥ ଗୌରୀଶଙ୍କରଙ୍କ ସହାୟତାରେ ଅନେକ ଲେଖକମାନଙ୍କୁ ନେଇ ପାଠ୍ୟପୁସ୍ତକ ରଚନା କରିଥିଲେ ।

'ଓଡ଼ିଶା ଆସୋସିଏସନ୍' ବା ଉତ୍କଳ ସଭାର ଗୌରୀଶଙ୍କର ଥିଲେ ସମ୍ପାଦକ। ଏହି ସଭା ମାଧ୍ୟମରେ ଓଡ଼ିଶା ଓ କଟକର ହିତକଳ୍ପେ ବିଭିନ୍ନ ବିଷୟମାନ ଉପରେ ଧ୍ୟାନ ଦିଆଯାଉଥିଲା। ଗୌରୀଶଙ୍କର ୧୯୦୫ ମସିହାରେ ଏହି ସଭା କାର୍ଯ୍ୟରୁ ଅବସର ଗ୍ରହଣ କରିଥିଲେ। ଗୌରୀଶଙ୍କର ରାୟ ବାହାଦୁର, ଗୋକୁଳା ନନ୍ଦ ଚୌଧୁରି ଓ କେତେଜଣ ବିଶିଷ୍ଟ ବ୍ୟକ୍ତି ମିଶି 'ଓଡ଼ିଆ ଲୋକସଭା' ନାମକ ଏକ ନୂତନ ଦଳ ଗଠନ କରିଥିଲେ। ଜାତୀୟ ମହାସଭା ବା କଂଗ୍ରେସ ସହିତ ଉତ୍କଳର ସମ୍ବନ୍ଧ ଦୃଢ ରଖିବା ପାଇଁ ସେ ପ୍ରତିବର୍ଷ ଉକ୍ତ ମହାସଭାକୁ ଉତ୍କଳ ସଭାରୁ ପ୍ରତିନିଧି ପ୍ରେରଣାର ପକ୍ଷପାତି ଥିଲେ। ସେ ଜାତୀୟ ମହାସଭାରେ ଯୋଗଦାନକୁ ମହାନ ପୂଣ୍ୟ କାର୍ଯ୍ୟ ମନେକରୁଥିଲେ। ୧୯୧୫ ମସିହାରେ ସୁଦୂର କରାଚି ଅଧିବେଶନକୁ ଯାତ୍ରା କରିଥିଲେ ଜରାଜୀର୍ଣ୍ଣ ଦେହରେ।

ସଙ୍ଗୀତ ଓ ଲୋକସାହିତ୍ୟକୁ ଦୀର୍ଘସ୍ଥାୟୀ କରିବା ପାଇଁ ଗୌରୀଶଙ୍କର ଧନ ମନ ନିୟୋଜିତ କରିଥିଲେ। ସେ ପ୍ରାଚୀନ କାବ୍ୟ ଓ ସୁନ୍ଦର ଛାନ୍ଦମାନ ରଚନା କରି ସୁମଧୁର କଣ୍ଠରେ ବୋଲିପାରୁଥିଲେ। ସେ ପ୍ରତି ସପ୍ତାହର ମଙ୍ଗଳ ବାର ଓ ଶନିବାରରେ ପ୍ରିଣ୍ଟିଂ କମ୍ପାନୀର ଦ୍ୱିତଳ ଗୃହରେ ପାଲା ଗାୟକ, ସଙ୍ଗୀତଜ୍ଞ, ବାଦକ ଓ ମିତ୍ରମାନଙ୍କୁ ନେଇ ଏକ ବନ୍ଧୁ ମିଳନ କାର୍ଯ୍ୟ କରୁଥିଲେ। ଆମନ୍ତ୍ରିତ ବନ୍ଧୁମାନଙ୍କୁ ସେ ସମ୍ମାନର ସହିତ ଉପାଦେୟ ଭୋଜନାଦି ପୂର୍ବକ ଉତରୀୟ ପ୍ରଦାନ କରୁଥିଲେ। ଏହି ସଭାରେ ଆଶୁକବିମାନଙ୍କୁ ଉଚ୍ଚ ପ୍ରଶଂସା କରୁଥଲେ। ସଙ୍ଗୀତ ଶିକ୍ଷା ଓ ଶ୍ରବଣ ଦ୍ୱାରା ଆତ୍ମା ପରମସୁଖ ଓ ଶାନ୍ତି



ପ୍ରାପ୍ତ ହେବ ବୋଲି ତାଙ୍କର ଦୃଢବିଶ୍ୱାସ ଥିଲା। ନାରୀ ସୃଷ୍ଟିକର୍ତ୍ରୀ ଓ ସନ୍ତାନର ପ୍ରଥମ ଗୁରୁ। ତେଣୁ ଗୌରୀଶଙ୍କର ନାରୀଶିକ୍ଷାକୁ ଗୁରୁତ୍ୱ ଦେବାପାଇଁ ୧୮୬୮ ମସିହାରେ ଏକ ଚାଳଘରେ ଛଅ ସାତ ଜଣ ବାଳିକାଙ୍କୁ ନେଇ, କଟକ ହିନ୍ଦୁ ବାଳିକା ବିଦ୍ୟାଳୟ ସ୍ଥାପିତ କରିଥିଲେ। ପରବର୍ତୀ ମୁହୂର୍ତରେ ତାହା ରେଭେନ୍ସା ହିନ୍ଦୁ ବାଳିକା ବିଦ୍ୟାଳୟରେ ନାମିତ ହେଲା। କୁମାରୀ ସରଳା ଦେବୀ ଝିଅମାନଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର ଶିକ୍ଷା ପ୍ରଣାଳୀ ପରିବର୍ତନର ପରାମର୍ଶ ଗୌରୀଶଙ୍କରଙ୍କୁ ଦେଇଥିଲେ। ସେହି ନିୟମ ଅନୁସାରେ ପ୍ରଥମ ବର୍ଷ ଅକ୍ଷର, ଦ୍ୱିତୀୟ ବର୍ଷ ଅଙ୍କ, ସଙ୍ଗୀତ ଓ କ୍ରୀଡ଼ା ଶିକ୍ଷା ଦିଆଯିବ। ତୃତୀୟ ବର୍ଷ ଘରକରଣାର ହିସାବପତ୍ର, ହିନ୍ଦୀ କହିବା ଓ ବୁଝିବା, ସିଲାଇ ଆଦି ଶିକ୍ଷା ଦିଆଗଲା। ଚତୁର୍ଥ ବର୍ଷରେ ବ୍ୟାକରଣ, ଭୂଗୋଳ, ହିନ୍ଦୀ ପାଠ, ଚିତ୍ର, ନକ୍ସା, ରନ୍ଧନ, ସ୍ୱାସ୍ଥ୍ୟ ବିଜ୍ଞାନ ଉପରେ ଗୁରୁତ୍ୱ ଦିଆଗଲା। ପଂଚମ ବର୍ଷରେ ଇଂରେଜୀ ସଂଯୋଜନା ଉପରେ ନକ୍ସା ଦିଆଗଲା। ଷଷ୍ଠ ବର୍ଷରେ ସଂସ୍କୃତ ଜ୍ଞାନରେ ତାଲିମ ଦିଆଗଲା। ସପ୍ତମ ବର୍ଷରେ ମୌଳିକ ଚିକିତ୍ସା ଉପରେ ଗୁରୁତ୍ୱ ଦିଆଗଲା। ଗୌରୀଶଙ୍କର ପୌରାଣିକ ଉପାଖ୍ୟାନ, ଐତିହାସିକ ବୀତତ୍ୱ, ସାମାଜିକ ମୂଲ୍ୟବୋଧକୁ ନେଇ ସେହି ପାଠ୍ୟକ୍ରମ ମାଧ୍ୟମରେ ନାରୀମାନଙ୍କୁ ଶିକ୍ଷାଦେବା ପାଇଁ ପ୍ରଚେଷ୍ଟା କରିଥିଲେ। ୧୮୭୦ ମସିହାରେ ଗୌରୀଶଙ୍କର ବ୍ରାହ୍ମଧର୍ମ ଗ୍ରହଣ କରିଥିଲେ। ଜୀବନର ଶେଷ ପର୍ଯ୍ୟନ୍ତ ସେ କଟକ ବ୍ରହ୍ମ ମନ୍ଦିରର ଅନ୍ୟତମ ଟ୍ରଷ୍ଟି ଥାଇ ଏହାର ରକ୍ଷା ଓ ଉନ୍ନତି ପାଇଁ ଚିନ୍ତା ଓ ଯତ୍ନ କରୁଥିଲେ। ବସ୍ତୁତଃ ଗୌରୀଶଙ୍କର ବ୍ରାହ୍ମଧର୍ମ ଓ ବ୍ରହ୍ମୋପାସନାକୁ ସନାତନ ଧର୍ମର ସାର ଓ ଶ୍ରେଷ୍ଠ ଅଙ୍ଗ ବୋଲି ମନେକରୁଥିଲେ। ଜନସାଧାରଣଙ୍କ ଉପକାର ସକାଶେ ସେ କଟକରେ ଟାଉନ ହଲ୍ ନିର୍ମାଣ କରିଥିଲେ।

୧୯୦୫ ମସିହାରେ କାୟସ୍ଥମାନଙ୍କ କ୍ଷତ୍ରିୟତ୍ୱ ପ୍ରତିପାଦନ ନିମନ୍ତେ ବଙ୍ଗ ଦେଶରେ ଆନ୍ଦୋଳନ ଆରମ୍ଭ ହେଲା। ସେ ସମୟରେ ଗୌରୀଶଙ୍କର କଟକରେ କାୟସ୍ଥ ସଭାର ସଭାପତି ଥିଲେ। କାୟସ୍ଥମାନେ ଗୌରୀଶଙ୍କରଙ୍କ ନେତୃତ୍ୱରେ ଉପବୀତ ଧାରଣ କଲେ। ସେଥିପାଇଁ କାୟସ୍ଥ ସମାଜ ତାଙ୍କୁ ସମାଜଚ୍ୟୁତ କରିଥିଲା। ଏକବର୍ଷ ପରେ କାୟସ୍ଥ ସଭା ପୁଣି ସ୍ୱେଚ୍ଛାକ୍ରମେ ସାଧାରଣସଭା ଆହ୍ୱାନ କରି ଗୌରୀଶଙ୍କରଙ୍କୁ ଆପ୍ୟାୟିତ କରିଥିଲେ ଓ ସମାଜଚ୍ୟୁତ ରଦ୍ଦ କରିଥିଲେ। ଗୌରୀଶଙ୍କରଙ୍କ ନାତୁଣୀ ଶ୍ରୀମତୀ ଶୈଳବାଳା ଅଳ୍ପ ବୟସରେ ବିଧବା ହୋଇଥିଲେ। ଗୌରୀଶଙ୍କର ଶୈଳବାଳାକୁ ସ୍ୱଗୃହକୁ ଆଣି ବାଳିକା ବିଦ୍ୟାଳୟରେ ତାହାର ପଢାପଢିର ବ୍ୟବସ୍ଥା କରିଥିଲେ। ଗୌରୀଶଙ୍କରଙ୍କୁ ସାମାଜିକ ନିର୍ଯାତନାର ଭୟ ଦେଖାଇ ଉକ୍ତ କାର୍ଯ୍ୟରୁ ବିରତ ପାଇଁ କାୟସ୍ଥମାନେ ଚେଷ୍ଟା କରିଥିଲେ। ଗୌରୀଶଙ୍କର ତାଙ୍କ ନୀତିରେ ଅଟଳ ରହିଥିଲେ। ୧୯୧୬ ମସିହାରେ ଗୌରୀଶଙ୍କର ରାୟ ବାହାଦୂର ଉପାଧି ପାଇଥିଲେ।

୧୯୧୭ ମସିହା ମାର୍ଚ୍ଚ ମାସ ୫ ତାରିଖ ପ୍ରେସ୍ ଘରେ ହଠାତ୍ ସଂଜ୍ଞାହୀନ ହୋଇପଡ଼ିଲେ, ମାର୍ଚ୍ଚ ୭ ତାରିଖ ରାତ୍ର ୯.୩୦ ମିନିଟ୍‌ରେ ଓଡ଼ିଆ ଜାତିର କର୍ମପୁରୁଷ, ଓଡ଼ିଆ ଭାଷାର ପ୍ରାଣକେନ୍ଦ୍ର, ବାଗ୍ମୀ ପୁରୁଷ ସବୁଦିନ ପାଇଁ ଆଖି ବୁଜିଦେଲେ। ଗୌରୀଶଙ୍କରଙ୍କ ଅମ୍ଳାନ ପ୍ରତିଭା ତଥା କୀର୍ତି ତାଙ୍କୁ ଚିରଅମର କରି ରଖିବ। ଏ ଜାତି ଏ ଭାଷା ବଂଚିଥିବା ପର୍ଯ୍ୟନ୍ତ ତାଙ୍କର ଗୁଣଗାନ ଜୟ ଜୟକାର କରୁଥିବ।

-ପାରାଦ୍ୱୀପ ଗଡ଼, କୁଜଙ୍ଗ, ଜଗତ୍‌ସିଂହପୁର, ମୋ- ୯୯୩୭୬୯୧୪୭୫

ତିନି ଠାକୁରଙ୍କ ପାଖରେ ଲାଗିହେଲା ଅଧରପଣା

କୋଣାର୍କ (ପିଏନ୍): ଶେଷ ହେଲା ଶ୍ରୀଜିଉଙ୍କ ଅଧରପଣା ନୀତି। ରଥାରୁଢ଼ ଚତୁର୍ଦ୍ଧା ମୂର୍ତିଙ୍କଠାରେ ଲାଗି ହେଲା ସୁସ୍ୱାଦୁ ଓ ସୁବାସିତ ପଣା। ୩ ରଥରେ ୩ଟି ଲେଖାଏଁ ମୋଟ ୯ଟି ମାଟି ତୁମ୍ବରେ ଏହି ପଣା ଲାଗି ହେବାର ପରମ୍ପରା ରହିଛି। ଏହି ତୁମ୍ବର ଉଚ୍ଚତା ମହାପ୍ରଭୁଙ୍କ ଅଧର ଉଚ୍ଚର ହୋଇଥିବାରୁ ଏହାକୁ ଅଧର ପଣା କୁହାଯାଏ। ତେବେ ଏହି ପଣା ରଥ ଉପରେ ଲାଗି ପରେ ସେହିଠାରେ ହିଁ ହାଣ୍ଡିକୁ ଭାଙ୍ଗି ଦିଆଯାଇଥାଏ। ରଥରେ ଥିବା ପାର୍ଶ୍ୱ ଦେବଦେବୀ, ଚଣ୍ଡୀଚାମଣ୍ଡା ଓ ଅଶରୀରୀମାନଙ୍କ ଉଦ୍ଦେଶ୍ୟରେ ଏହି ପଣା ଅର୍ପଣ କରାଯାଇଥାଏ । ଆଜିର ଅଧରପଣା ନୀତି ସମାପ୍ତ ପରେ ନବଦିନାତ୍ମକ ଯାତ୍ରା ସାରିନିଳକନ୍ଦରକୁ ବାହୁଡିବେ ଚତୁର୍ଦ୍ଧାମୂରତି। ଅଧରପଣା ନୀତି ଦର୍ଶନ ପାଇଁ ସିଂହଦ୍ୱାର ସମ୍ମୁଖରେ ଭକ୍ତଙ୍କ ଭିଡ଼ ଲାଗିଛି। ସୂଚନାଯୋଗ୍ୟ, ବାହୁଡା ଯାତ୍ରା ପରେ ଅର୍ଥାତ ଆଷାଢ଼ ଶୁକ୍ଳପକ୍ଷ ତ୍ରୟୋଦଶୀ ତିଥିରେ ସିଂହଦ୍ୱାରଠାରେ ତିନି ରଥ ଉପରେ ସୁନାବେଶ ପରେ ଠାକୁରମାନଙ୍କ ଉଦ୍ଦେଶ୍ୟରେ ଅଧରପଣା ଭୋଗ ହୋଇଥାଏ। ରଥାରୂଢ଼ ଠାକୁରମାନଙ୍କ ଅଧର ଉଚ୍ଚ ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ଶୈଳୀରେ ନିର୍ମିତ ମାଟି ହାଣ୍ଡିରେ ହେଉଥିବା ପଣା ଭୋଗକୁ ଅଧରପଣା କୁହାଯାଏ। ସ୍ୱତ୍ୱଲିପି ଅନୁଯାୟୀ ବାହୁଡା ଦଶମୀ ଦିନ ତ୍ରିରଥ ସିଂହଦ୍ୱାର ନିକଟରେ ପହଞ୍ଚିବା ପରେ ଅଧରପଣା ଭୋଗ ହେବା ନିୟମ ରହିଛି। କିନ୍ତୁ ସମୟ ଅଭାବରୁ ଏହା ଏକାଦଶୀ ଦିନ ଅନୁଷ୍ଠିତ ହୋଇଥାଏ। ବାସ୍ତବ କଥା ଦେଖିବାକୁ ଗଲେ ଏହା ଏକାଦଶୀ ଦିନ ମଧ୍ୟ ହୋଇ ନ ପାରି ଦ୍ୱାଦଶୀ ତିଥିରେ କରାଯାଉଛି। ଗବେଷକ ଡଃ ସୁରେନ୍ଦ୍ର କୁମାର ମିଶ୍ର ଓଡ଼ିଆ ମଠରୁ ପ୍ରାପ୍ତ ସନନ୍ଦକୁ ଆଧାର କରି ଉଲ୍ଲେଖ କରିଛନ୍ତି ଯେ, ପୂର୍ବେ ବାହୁଡା ଦଶମୀ ଦିନ ତିନି ହାଣ୍ଡି, ଏକାଦଶୀରେ ତିନି ହାଣ୍ଡି ଓ ଦ୍ୱାଦଶୀ ଦିନ ତିନି ହାଣ୍ଡି ଏହିପରି ନଅ ହାଣ୍ଡି ଅଧରପଣା ଓ ବଳଭଦ୍ରଙ୍କ ରଥରେ ରାମ, କୃଷ୍ଣଙ୍କ ଇଦ୍ଦେଶ୍ୟରେ ୨ ହାଣ୍ଡି ଓ ଜଗନ୍ନାଥଙ୍କ ରଥରେ ମଦନମୋହନ ଠାକୁରଙ୍କ ନିମିତ୍ତ ୧ ହାଣ୍ଡି କ୍ରମରେ ମୋଟ ୧୨ଟି ହାଣ୍ଡି ଅଧରପଣା ଭୋଗ ହେଉଥିଲା। ବର୍ତମାନ ତିନି ରଥ ପାଇଁ ଦ୍ୱାଦଶୀ ଦିନ ମୋଟ ୯ ହାଣ୍ଡି ଅଧର ପଣା ଭୋଗ ହେଉଛି। ଆଷାଢ଼ ଶୁକ୍ଳ ଏକାଦଶୀ ଦିନ ରଥ ଉପରେ ଠାକୁରମାନଙ୍କ ମଧ୍ୟାହ୍ନ ଧୂପ ଶେଷ ହେବା ପରେ ଅଧର ପଣା ପ୍ରସ୍ତୁତି ଓ ନୀତି ଆରମ୍ଭ ହୋଇଥାଏ। ମନ୍ଦିର ପ୍ରଶାସନ, ରାଘବ ଦାସ ଓ ବଡ଼ ଓଡ଼ିଆ ମଠ ପ୍ରଦତ ଛାଚି, ସର, କଦଳୀ, ଛେନା, ଗୋଲମରିଚ ଗୁଣ୍ଡ, କର୍ପୂର, ଜାଇଫଳ ଇତ୍ୟାଦି ମିଶି ଏହି ଭୋଗ ପ୍ରସ୍ତୁତ ହୁଏ। ପ୍ରତ୍ୟେକ ଠାକୁରଙ୍କ ସମ୍ମୁଖରେ ରଥ ଉପରେ ଭୋଗ ହେଉଥିବା ସ୍ଥାନରେ ମହାପ୍ରଭୁଙ୍କର ଶ୍ରୀଅଧର ଉଚ୍ଚ ଥିବା ତୁମ୍ବ ଆକୃତି ଭଳି ମାଟିର ତିନୋଟି ହାଣ୍ଡି ରଖାଯାଏ। ପ୍ରତ୍ୟେକ ହାଣ୍ଡି ସମାନ ମାପର ହୋଇ ନ ଥାଏ। ପୂର୍ବରୁ ପାଣିଆ ଆପଟ ସେବକମାନେ ସିଂହଦ୍ୱାର ଛାଉଣୀ ମଠ ସମ୍ମୁଖସ୍ଥ କୂପରୁ ଗରାରେ ପାଣି କାଢି ରଥ ଉପରକୁ ବୋହି ବଡ଼ ପିତଳ ହଣ୍ଡାରେ ରଖିଥାନ୍ତି। ପୂର୍ବରୁ ଅଧର ପଣା ପାଇଁ ଆବଶ୍ୟକ ପାଣି ରାଧାବଲ୍ଲଭ ମଠ କୂଅରୁ ଆସୁଥିଲା। ବର୍ତମାନ ସିଂହଦ୍ୱାର ସମ୍ମୁଖ କୂଅରୁ ଏହି ପାଣି ଅଣାଯାଉଛି। ପାଣି ବୁହା ବେଳେ ମନ୍ଦିର ଚର୍ଚ୍ଚା ଓ ବରକନ୍ଦାଜ କର୍ମଚାରୀମାନେ ଆଗରେ ଗୁଆ ଖୋଳପା ଧରି ଲୋକଙ୍କୁ ଆଡେଇଥାନ୍ତି, ଯେପରିକି କେହି ପାଣିକୁ ସ୍ପର୍ଶ କରିପାରିବେ ନାହିଁ। ଅଧରପଣା ଭୋଗ ପୂରରୁ ମହାସୁଆରମାନେ ଥାଇ ଭିତରଛ, ତଳୁଛ ଓ ସୁଭଦ୍ରାଙ୍କ ରଥରେ ପାଳିଆ ପୁଷ୍ପାଳକ ଅଧର ଆଗରେ ଖଣ୍ଡେ ନୂଆ ଗାମୁଛା ଟେରା ଧରିଥାନ୍ତି। ଅଧରପଣା ହାଣ୍ଡି ଉପରେ ଖଣ୍ଡେ ଲେଖାଏଁ ଧଳା କରିକା (ଜାଲିକନା) ପକାଯାଏ। ପାଣି ଛଣା ଉଦ୍ଦେଶ୍ୟରେ ଏହା ପକାଯାଏ ବୋଲି ମତ ରହିଛି। ମହାସୁଆରମାନେ ପ୍ରତି ରଥରେ ଅଧର ହାଣ୍ଡିରେ ପଣା ପ୍ରସ୍ତୁତ କରିଥାନ୍ତି। ଏହାପରେ ପତ୍ରିବଡୁ, ସୁଆରବଡୁ ଓ ଗରାବଡୁ ପାଳିଆ ସେବକ ତିନି ରଥରେ ପୂଜା କରନ୍ତି। ପରେ ପାଳିଆ ପୂଜା ପଣ୍ଡା ପଂଚୋପଚାରରେ ପୂଜା କରିଥାନ୍ତି। ଭୋଗ ହେବା ପରେ ପଣା ଥିବା ହାଣ୍ଡିଗୁଡ଼ିକୁ ରଥ ଉପରେ ଭାଙ୍ଗି ଦିଆଯାଏ। ରଥଗୁଡ଼ିକରେ ଥିବା ପାର୍ଶ୍ୱଦେବଦେବୀ, ଚଣ୍ଡୀଚାମୁଣ୍ଡା ତଥା ଅଶରୀରୀମାନଙ୍କ ଉଦ୍ଧାର ନିମନ୍ତେ ପଣାହାଣ୍ଡି ସବୁକୁ ଭୋଗ ହେବା ପରେ ଭାଙ୍ଗି ଦିଆଯିବାର ବିଧି ରହିଛି।

ଇମାମି ନଗର ବାହୁଡ଼ା ଯାତ୍ରାରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ

ବାଲେଶ୍ୱର (ପିଏନ୍): ରେମୁଣା ବାଲଗୋପାଲପୁରସ୍ଥିତ ଇମାମି ନଗର ଶ୍ରୀଗୁଣ୍ଡିଚା ଛାଡ଼ି ମହାପ୍ରଭୁ ଶନିବାର ଅପରାହ୍ନରେ ଶ୍ରୀମନ୍ଦିର ବାହୁଡ଼ି ଯାଇଛନ୍ତି । ୯ଦିନ ପାଇଁ ଭାଇ ଭଉଣୀଙ୍କୁ ସାଙ୍ଗରେ ଧରି ଶ୍ରୀଗୁଣ୍ଡିଚା ଯାଇଥିବା ମହାପ୍ରଭୁ ଜଗନ୍ନାଥ, ଭାଇ ବଳଭଦ୍ର ଏବଂ ଭଉଣୀ ସୁଭଦ୍ରାଙ୍କ ସହ ପୁଣି ଶ୍ରୀମନ୍ଦିରକୁ ଫେରି ଆସିଛନ୍ତି । ଏଥିପାଇଁ ଇମାମି କ୍ଷେତ୍ରରେ ପ୍ରବଳ ଜନସମାଗମ ହୋଇଥିଲା । ହରିବୋଲ, ହୁଳୁହୁଳି, ଶଙ୍ଖ, ଘଂଟା, ମାଦଳର ତାଳରେ ଜୟ ଜଗନ୍ନାଥ ଧ୍ୱନୀରେ ପ୍ରକମ୍ପିତ ହୋଇଥିଲା ବଡ଼ଦାଣ୍ଡ । ସତେ

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ PARYABEKHYAK

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୨, ଜୁଲାଇ ୧୩

ସଦାଚାର ଓ ତ୍ୟାଗ

ଯେଉଁ ବ୍ୟକ୍ତି ଦାନ, ସଦାଚାର ସମବେଦନା, ତ୍ୟାଗ ବୃଦ୍ଧି ଓ ଉଚ୍ଚତମ ନୈତିକତା ପ୍ରଭୃତି ସଦ୍‌ଗୁଣ ଆହରଣ କରନ୍ତି ନାହିଁ ଏବଂ ମନ୍ଦ ବୁଦ୍ଧିରେ ପଡ଼ି ଦୁଷ୍କର୍ମମାନ କରନ୍ତି ସେ ଇହ ତଥା ପରଲୋକରେ ମଧ୍ୟ ସୁଖ ଶାନ୍ତି ପାଆନ୍ତି ନାହିଁ। ଯେଉଁ ବ୍ୟକ୍ତି ମାଆକୁ ଭକ୍ତି କରନ୍ତି ଓ ନିଜକୁ ତା'ର ସେବାରେ ଲଗାନ୍ତି ସେ ସମସ୍ତ ପାପରୁ ମୁକ୍ତି ପାଆନ୍ତି। ଭଗବାନ ଶିବ ସ୍ୱୟଂ କୃପା ବର୍ଷଣ କରି ସେ ବ୍ୟକ୍ତିଙ୍କୁ ସମସ୍ତ ଦୁଃଖ ଓ ଯାତନାରୁ ମୁକ୍ତି ଦିଅନ୍ତି।

ମଣିଷକୁ ଦିଆଯାଇଥିବା କର୍ତ୍ତବ୍ୟ ଭିତରୁ ସର୍ବପ୍ରଧାନ କର୍ତ୍ତବ୍ୟ ହେଉଛି ମାଆକୁ ଭକ୍ତି ଓ ସମ୍ମାନ ଦେଖାଇବା। ଯେଉଁ ମା' ଆମକୁ ନଅ ମାସ ପର୍ଯ୍ୟନ୍ତ ଧାରଣ କଲା, ଯିଏ ଆମକୁ ଜନ୍ମ ଦେଲା, ଯିଏ ଆମକୁ ଆଶ୍ରୟ ଓ ସୁରକ୍ଷା ପ୍ରଦାନ କଲା, ତାକୁ ଯଦି ଆମେ ଭକ୍ତି ଓ ମର୍ଯ୍ୟାଦା ଦେଇ ନପାରିଲେ, ଏ ସଂସାରରେ ଆଉ କିଏ ଭକ୍ତି ପାଇବାର ଯୋଗ୍ୟ ହେବ? ଯେଉଁ ଭଗବତ ତତ୍ତ୍ୱ ଏ ସମଗ୍ର ବିଶ୍ୱର ସୃଷ୍ଟିକର୍ତ୍ତା, ପାଳନକର୍ତ୍ତା ଏବଂ ଜୀବଜଗତର ପ୍ରୟୋଜନ ସମସ୍ତ ପଦାର୍ଥ ଯୋଗାଇ ଦେବାକୁ ସମର୍ଥ, ସେହି ଭଗବତ ତତ୍ତ୍ୱ ସହ ମାତୃତତ୍ତ୍ୱ ଅତି ନିବିଡ଼ ଭାବେ ସମ୍ପୃକ୍ତ। ଅତି ଉଦାରତା ଓ ସହୃଦୟତାର ସହ ଆମେ ଏହି ବିଷୟଟିକୁ ଗ୍ରହଣ କରିବା ଉଚିତ। ତୁମେ ଯଦି ତୁମ ନିଜ ମାଆକୁ ଜଣେ ଦେବୀ ଦୃଷ୍ଟିରେ ଦେଖି ଅନ୍ୟମାନଙ୍କ ମାଆକୁ ସେଭଳି ଭାବେ ନ ଦେଖ, ତେବେ ତାହା ଏକ ଗୁରୁତର ଭୁଲ ହେବ। ଆମକୁ ଏକଥା ମଧ୍ୟ ବୁଝିବାକୁ ପଡ଼ିବ ଯେ, ଯଦି ଆମେ ଆମ ନିଜ ମାଆଙ୍କ ସ୍ନେହ ଉପଭୋଗ କରିବାର ସୌଭାଗ୍ୟ ଅର୍ଜନ କରି ନପାରିଲୁ, ତେବେ ଆମେ ଭଗବାନଙ୍କ ଅପାର ସ୍ନେହ କଦାପି ଲାଭ କରିପାରିବୁ ନାହିଁ। ଯେଉଁ ମାଆ ତା'ର ସନ୍ତାନକୁ ନଅ ମାସ ଧରି ଗର୍ଭରେ ସ୍ଥାନ ଦେଲା, ପିଲାକୁ ବଢ଼ାଇବା ସମୟତକ ସେ ଯେଉଁ କଷ୍ଟ ଓ ଅସୁବିଧାମାନ ବରଣ କଲା, ସେଇ ମାଆ ହିଁ ସୁରକ୍ଷା ପାଇବା ପାଇଁ ହକ୍‌ଦାର। ଏହି ପ୍ରଧାନ କର୍ତ୍ତବ୍ୟଟିକୁ କେହି କେବେ ଭୁଲିଯିବା ଠିକ ନୁହେଁ।

ଆମ ମାଆ ପ୍ରକୃତରେ ଦୁର୍ଗା, ଲକ୍ଷ୍ମୀ ଓ ସରସ୍ୱତୀଙ୍କର ସାକାର ପ୍ରତୀକ। ସେ ଆମକୁ ସମସ୍ତ ପ୍ରକାର ଶକ୍ତି ଓ କ୍ଷମତା ପ୍ରଦାନ କରନ୍ତି। ସେ ଆମକୁ ସବୁ ପ୍ରକାର ସମ୍ପତ୍ତି ଦେଇଥା'ନ୍ତି ଏବଂ ଆମର ଅଭିବୃଦ୍ଧି ଓ ସମୃଦ୍ଧିରେ ସାହାଯ୍ୟ କରିଥାନ୍ତି। ପିଲା ତା'ର ଶିକ୍ଷାଦୀକ୍ଷା ଦ୍ୱାରା ସୁନାମ ଓ ସୁଖ୍ୟାତି ଅର୍ଜନ କରୁ, ଏଥିପାଇଁ ମାଆ ବହୁ ଆକାଂକ୍ଷା ପୋଷଣ କରିଥା'ନ୍ତି। ଏହି ତିନିଟିଯାକ ଦିବ୍ୟ ତତ୍ତ୍ୱ ଆସି ଆମ ନିଜ ମାଆଙ୍କଠାରେ ଏକାଠି ହୋଇଯାଇଛି। ସମସ୍ତ ଶାସ୍ତ୍ର ପୁରାଣ ସବୁଠାରୁ ବଡ଼ ସତ୍ୟ ବିଷୟରେ ଏହି କଥା କହିଛନ୍ତି ଯେ ତୁମେ ସଦା ଯାହା ଆଶା କରିଛ, ସେସବୁ କେବଳ ମାତୃଶକ୍ତିରୁ ହିଁ ତୁମେ ହାସଲ କରିପାରିବ।

——ସନ୍ତୋଷ——

ଆଜିର ଦୁନିଆରେ ସତରେ କ'ଣ ସମସ୍ତେ ସନ୍ତୋଷ ପାଉଛନ୍ତି? ବ୍ୟକ୍ତିତ୍ୱ ଅଛି, ପ୍ରତିପତ୍ତି ଅଛି, ଅର୍ଥବଳ ଓ ବାହୁବଳ ବି ଅଛି, କିନ୍ତୁ ଏସବୁ ଭିତରେ ଆମେ ସମସ୍ତେ ସତରେ କ'ଣ ଆତ୍ମସନ୍ତୋଷ ପାଇପାରୁଛେ? ଏକ ଆଧ୍ୟାତ୍ମିକ ପତ୍ରିକା ପଢ଼ିଲାବେଳେ ଦୁଇଧାଡ଼ି ଲେଖିବା ପାଇଁ ମନେକରୁଛି। ଗୋଟିଏ ଦେଶର ରାଜା ଥରେ ତାଙ୍କ ପଡ଼ୋଶୀ ରାଜ୍ୟକୁ ଆକ୍ରମଣ କରି ନିଜ କରାୟତ କରିବା ପାଇଁ ସୈନ୍ୟସାମନ୍ତଙ୍କୁ ଧରି ଯୁଦ୍ଧଯାତ୍ରା କରିବାକୁ ବାହାରିଥା'ନ୍ତି। ନିଜ ରାଜ୍ୟର ବରଫାବୃତ ଅଞ୍ଚଳ ଦେଇ ଯାଉଥିବା ସମୟରେ ବାଟରେ ଦେଖିଲେ, ଜଣେ ନଗ୍ନ ଶରୀର ବୃଦ୍ଧ ଦୁଇ ଆଣ୍ଠୁ ଭିତରେ ମୁଣ୍ଡକୁ ପୋତି ବସିଛନ୍ତି। ପ୍ରବଳ ଥଣ୍ଡା କବଳରୁ ନିଜକୁ ରକ୍ଷାକରିବା ପାଇଁ ତାଙ୍କ ପାଖରେ ଆଉ କୌଣସି ଉପାୟ ନଥିଲା ପରି ଜଣାପଡୁଥିଲା। ରାଜା ଏ ଦୃଶ୍ୟରେ ବିଗଳିତ ହୋଇପଡ଼ିଲେ ଏବଂ ନିଜ ଗରମ କୋଟ ଓ ଚଦର କାଢ଼ି ସେ ସନ୍ନ୍ୟାସୀଙ୍କୁ ଦାନ କରିବାକୁ ଇଚ୍ଛା କଲେ। ସନ୍ନ୍ୟାସୀ ରାଜାଙ୍କର ଏ ପ୍ରସ୍ତାବ ଶୁଣି ରାଜାଙ୍କୁ କହିଲେ, "ଭଗବାନ ମୋତେ ଯାହା ଦେଇଛନ୍ତି, ସେତକ ମୋ' ପାଇଁ ଯଥେଷ୍ଟ। ଆପଣ ମୋତେ ଯାହା ଦେବାକୁ ଚାହୁଁଛନ୍ତି ବରଂ କୌଣସି ଦରିଦ୍ରକୁ ଦେଲେ ଭଲ ହୁଅନ୍ତା।" ସନ୍ନ୍ୟାସୀଙ୍କ ଏକଥା ଶୁଣି ରାଜା ଆଶ୍ଚର୍ଯ୍ୟ ହେଲେ ଏବଂ ପଚାରିଲେ, "ଭଗବାନ ଆପଣଙ୍କୁ ଦେଇଥିବା ପୋଷାକ କାହିଁ?" ସନ୍ନ୍ୟାସୀ ସଙ୍ଗେ ସଙ୍ଗେ ଆନନ୍ଦର ସହ ଉତ୍ତର ଦେଲେ, "ଏଇ ପରା ମୁଁ ପିନ୍ଧିଛି। ଭଗବାନ ନିଜେ ଏହାକୁ ମୋ' ପାଇଁ ତିଆରି କରିଛନ୍ତି। ଜନ୍ମରୁ ପିନ୍ଧିଛି ଯେ ଆରପାରିକୁ ଯିବା ପର୍ଯ୍ୟନ୍ତ ପିନ୍ଧିଥିବି। ଦରିଦ୍ର ବା ଭିକ୍ଷୁକ କେହି ଆପଣଙ୍କର ଏ ଚଦର ଓ କୋଟ ପାଇଲେ ବରଂ ଖୁସି ହେବେ।"

ଏହା ଶୁଣି ରାଜା ଏଥର ହସିଲେ। ମନେ ମନେ ଭାବିଲେ, 'ଏହାଙ୍କଠାରୁ ବେଶୀ ଗରୀବ କ'ଣ ଆଉ କେହି ଥାଇପାରେ!' ଏହା ଭାବି ସେ ସନ୍ନ୍ୟାସୀଙ୍କୁ ପଚାରିଲେ, 'ମୁଁ ବର୍ତ୍ତମାନ ଜଣେ ଦରିଦ୍ର କେଉଁଠୁ ପାଇବି ଯେ ଏସବୁ ତାକୁ ଦାନ କରିବି?'

ସନ୍ନ୍ୟାସୀ ଜଣକ କିଛି ସମୟ ନୀରବ ରହି କହିଲେ, 'ଆପଣ ଏବେ କୁଆଡ଼େ ଯାଉଛନ୍ତି ଓ କାହିଁକି ଯାଉଛନ୍ତି? ରାଜା-ମୁଁ ମୋ ପାଖ ରାଜ୍ୟକୁ ଆକ୍ରମଣ କରି ମୋ ରାଜ୍ୟରେ ମିଶାଇବା ଆଶାରେ ଯୁଦ୍ଧଯାତ୍ରା କରୁଛି। ମୋ ସୈନ୍ୟମାନେ ଆଗରେ ଗଲେଣି। ଏଥର ସନ୍ନ୍ୟାସୀ ଟିକେ ମୁରୁକି ହସି କହିଲେ, "ରାଜା, ଭଗବାନ ଆପଣଙ୍କୁ ଯେଉଁ ରାଜ୍ୟ ଦେଇଛନ୍ତି, ସେଥିରେ ସନ୍ତୁଷ୍ଟ ନ ହୋଇ, ଆଉ କିଛି ବର୍ଗ ମାଇଲ ଜାଗାକୁ ଅକ୍ତିଆର କରିବା ପାଇଁ କେତେ ସୈନ୍ୟଙ୍କ ଜୀବନ ତଥା ନିଜ ଜୀବନକୁ ବିପନ୍ନ କରିବାକୁ ଯିଏ ପଛାଏ ନାହିଁ, ସେ ନିଜେ ମୋ'ଠାରୁ ଅନ୍ତତଃପକ୍ଷେ ଗରୀବ। ତେଣୁ ଏ କୋଟ ଓ ଚଦର ମୁଁ ଏବେ ଆପଣଙ୍କୁ ଦେଉଛି।"

ରାଜା ଏଥିରେ ବଡ଼ ଅପମାନିତ ହେଲେ ଏବଂ ସଂସାରର ଅଳିକତା ଓ ସୁନାମ ଓ ସୁଖ୍ୟାତି କେତେ କ୍ଷଣିକ ସେ କଥା ହେଜି ବସିଲେ। ସନ୍ନ୍ୟାସୀଙ୍କୁ ପ୍ରଣାମ କରି, ତାଙ୍କ ଆଖି ଖୋଲି ଦେଇଥିବା ଯୋଗୁଁ ଅଶେଷ ଧନ୍ୟବାଦ ଜଣାଇ, ସୈନ୍ୟସାମନ୍ତ ଫେରାଇନେଇ ରାଜା ନିଜ ରାଜଧାନୀକୁ ଫେରିଗଲେ। ସେ ଉପଲବ୍ଧି କଲେ ଯେ ପ୍ରକୃତରେ ତାଙ୍କର ଦାରିଦ୍ର୍ୟ ହିଁ ଅସୀମ।

ସନ୍ତୋଷ ହିଁ ସବୁଠାରୁ ବଡ଼ ମୂଲ୍ୟବାନ ସମ୍ପଦ। ମହାତ୍ମାମାନଙ୍କର ପଦେ ପଦେ କଥା ଓ କାମ ସଂସାରରେ ଜ୍ଞାନାଲୋକ ପ୍ରସାର କରିଥାଏ।

ରାଜକିଶୋର ମିଶ୍ର, ପୂର୍ବତନ ସମ୍ପାଦକ, ଶ୍ରୀସତ୍ୟସାଇ ବିଦ୍ୟାଳୟ, କଳାବିକାଶ କେନ୍ଦ୍ର ମାର୍ଗ, କଟକ, ଦୂରଭାଷ : ୭୦୦୮୧୮୧୮୨୦

ଆଜିର ଅନୁଚିନ୍ତା

ଶରୀର ନଶ୍ୱର ହେଲେ ମଧ୍ୟ ଦିବ୍ୟଜ୍ଞାନର ସାଧନ ହେତୁ ସମ୍ପୂର୍ଣ୍ଣ ତ୍ୟଜ୍ୟ ନୁହେଁ।

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉତ୍‌ସୁକ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।

E-mail: editorpbkc@gmail.com
9853400829 (M), Fax: 0674-2550504

ରଥଯଜ୍ଞର ଶାନ୍ତି ଉଦକ: ଅଧରପଣା

ବିପିନବିହାରୀ ମହାନ୍ତି

ଶ୍ରୀଜଗନ୍ନାଥ ସଂସ୍କୃତିରେ ପ୍ରତିଟି କଥାର ବିଶେଷତ୍ୱ ଅଛି। ଏହି କାରଣରୁ ଶ୍ରୀଜୀଉମାନଙ୍କଠାରେ ଲାଗି ହେଉଥିବା ପଣାଭୋଗ ଗୁରୁତ୍ୱପୂର୍ଣ୍ଣ ଅଟେ। ଶ୍ରୀମନ୍ଦିରରେ ବୈଶାଖମାସରୁ ଆରମ୍ଭ କରି ଆଷାଢ଼ ପୂର୍ଣ୍ଣିମା ଯାଏ ଶ୍ରୀଜୀଉମାନଙ୍କୁ ପଣାଭୋଗ ଲାଗି କରାଯାଏ। ଚନ୍ଦନଯାତ୍ରା ସମୟରେ ଆଲଟଲାଗି ପରେ ଜୀଉମାନେ ଶୀତଳ ପ୍ରପାନକ ମଣୋହି କରନ୍ତି। ଅଣସର ସମୟରେ ଯେଉଁ ପଣା ଜୀଉମାନଙ୍କୁ ଲାଗିହୁଏ ତାହା ଅତି ସୁସ୍ୱାଦୁ। ଆଷାଢ଼ ଶୁକ୍ଳ ଦଶମୀ ଦିନ ଜୀଉମାନଙ୍କର ଗୁଣ୍ଡିଚା ମନ୍ଦିରରୁ ଶ୍ରୀମନ୍ଦିରକୁ ବାହୁଡ଼ା ଯାତ୍ରା ପରେ ନୀଳାଦ୍ରିବିଜେ ପୂର୍ବରୁ ଶୁକ୍ଳ ଦ୍ୱାଦଶୀ ଦିନ ଯେଉଁ ପଣା ଜୀଉମାନଙ୍କୁ ସିଂହଦ୍ୱାରସ୍ଥିତ ରଥ ଉପରେ ଲାଗି କରାଯାଏ, ଏହାର ନାମ ଅଧରପଣା। ଶ୍ରୀମନ୍ଦିର ସ୍ୱତ୍ୱଲିପିରେ ଲିପିବଦ୍ଧ ଅଛି ଯେ, ଏକାଦଶୀ ଦିନ ମଧ୍ୟାହ୍ନ ଧୂପ ପରେ ଅଧରପଣା ଲାଗି ହୁଏ। ଏହା ଦଶମୀ ଦିନ ରଥମାନେ ସିଂହଦ୍ୱାରସ୍ଥ ହେଲେ ଲାଗିବା କଥା; କିନ୍ତୁ ସମୟାଭାବରେ ଏହା ଏକାଦଶୀ ଦିନ ଅନୁଷ୍ଠିତ ହେଉଛି। ଏବେକୁ ସେହି କାରଣରୁ ଆଷାଢ଼ ଶୁକ୍ଳ ଦ୍ୱାଦଶୀ ଅବସରରେ ନୀଳାଦ୍ରୀ ବିଜେ ପୂର୍ବରୁ ଅଧରପଣା ଭୋଗ କରାଯାଉଛି।

ଏହି ଅଧରପଣା ହେଉଛି ରଥଯଜ୍ଞର ବା ରଥଯାତ୍ରାଜନିତ କ୍ଲାନ୍ତିର ଅପନୋଦନ ନିମନ୍ତେ ଶାନ୍ତି ଉଦକ। ଏ ଅଧରପଣା ଜୀଉମାନଙ୍କ ପ୍ରସାଦ ପରେ

ରଥାରୂଢ଼ ଅନୁଚରଗଣ ପାଇଥା'ନ୍ତି। ରଥଯାତ୍ରା ସମୟରେ ରଥପ୍ରତିଷ୍ଠା ବେଳେ ରଥପିଢ଼ିଠାରୁ ଆରମ୍ଭ କରି ଧ୍ୱଜ ଓ ନେତ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ବିଭିନ୍ନ ଦେବତା, ଋଷି, ଗନ୍ଧର୍ବ, ଯକ୍ଷ, ରକ୍ଷ, କିନ୍ନର, ଚଣ୍ଡି, ଚାମଣ୍ଡା, ଅଶରୀରୀ, ପିଶାଚ ଓ ଅନ୍ୟାନ୍ୟ ଯୋନିର ଦେବଦେବୀଗଣଙ୍କୁ ଆହ୍ୱାନ କରାଯାଇ ରଥରେ ସ୍ଥାନିତ କରାଯାଇଥାଏ। ନବଦିନ ଯାତ୍ରାରେ ସେମାନେ ପ୍ରଭୁଙ୍କ ଅନୁଚର ଓ ରଥ ରକ୍ଷକ ଭାବେ ସେବା ଦେଇଥା'ନ୍ତି। ଯଜ୍ଞ ଶେଷରେ ଅଗ୍ନିକୁ ଶାନ୍ତି ପାଇଁ ଶୀତଳ ପ୍ରପାନକ ଅର୍ପଣ କଲାପରି ରଥଯଜ୍ଞରେ ସଂପୃକ୍ତ ସମସ୍ତଙ୍କୁ ଏ ଶାନ୍ତିର ଉଦକ ମିଳିବା ପରେ ରଥାଶ୍ରିତ ଦେବତା, ରକ୍ଷକ, ଗନ୍ଧର୍ବ, ପିଶାଚମାନେ ସ୍ୱ ସ୍ୱ ସ୍ଥାନ ଗମନ କରିଥା'ନ୍ତି।

ଅଧରପଣା ହେଉଛି ବାହୁଡ଼ା ପରେ ସିଂହଦ୍ୱାରରେ ରଥାରୂଢ଼ ଅବସ୍ଥାରେ ଠାକୁରଙ୍କ ଅଧରକୁ ସ୍ପର୍ଶ କରୁଥିବା ପଣାଭୋଗ। ଜୀଉମାନଙ୍କୁ ପଣା ଅର୍ପଣ ପରେ ପଣା ତୁମ୍ବା ବା ହାଣ୍ଡିମାନଙ୍କୁ ଭାଙ୍ଗି ଦିଆଯାଏ। ବିଶ୍ୱାସ ଯେ, ଚକତଳେ ଥିବା ଅଥବା ଶ୍ରୀଜୀଉମାନଙ୍କ ଆଶ୍ରିତ ପ୍ରେତ ବା ପିଶାଚମାନେ ଏ ପଣା ପାଆନ୍ତୁ ଓ ତୃପ୍ତ ହୁଅନ୍ତୁ। ଏହାକୁ ଭକ୍ତ ଓ ସେବାୟତମାନଙ୍କୁ ସେବନ ପାଇଁ ବଂଟାଯାଏ ନାହିଁ। କାରଣ ଏହା ଶାସ୍ତ୍ରସମ୍ମତ ନୁହେଁ। ଏହି ପଣା ୯ଗୋଟି ଉପାଦାନରେ ପ୍ରସ୍ତୁତ ହୁଏ। ଏଗୁଡ଼ିକ ହେଲା ଛାଚି, କ୍ଷୀର, ସର, ଛେନା, ନବାତ, ପାଚିଲାକଦଳୀ, ଗୋଲମରିଚ ଗୁଣ୍ଡ, ବଟା ଜାଇଫଳ ଓ କର୍ପୂର। ଏମାନେ ସମସ୍ତେ ଏକତ୍ର ଜଳ ସହିତ ମିଶି ପଣା ପ୍ରସ୍ତୁତ ହୁଅନ୍ତି। ଏଥିପାଇଁ ଏକ ସ୍ୱତନ୍ତ୍ର ନୀତି ଅନୁସୃତ ହୁଏ। ଏହି ନୀତି ଅନୁଯାୟୀ ଆଷାଢ଼ ମାସ ଶୁକ୍ଳ ଦ୍ୱାଦଶୀ ଦିନ ମଧ୍ୟାହ୍ନ ଧୂପ ଶେଷ ହେଲାପରେ ତିନୋଟି ରଥ ଉପରେ ଗୋଟିଏ ଲେଖାଏଁ ବଡ଼ ପିତଳ ହଣ୍ଡା ଆଣି ରଖାଯାଏ। ପାଣିଆପଟ ନିଯୋଗର ପାଳିଆ ସେବକ ମାନେ ସିଂହଦ୍ୱାର ନିକଟସ୍ଥ ଛାଉଣିମଠର କୂଅରୁ ଶୁଦ୍ଧ ଭାବରେ ବିଧିପୂର୍ବକ ଜଳ ଆଣି ସେହି ପିତଳ ହଣ୍ଡାମାନଙ୍କରେ ରଖନ୍ତି। ପୂର୍ବେ ରାଧାବଲ୍ଲଭ ମଠରୁ ଏହି ଜଳ ଅଣାଯାଉଥିଲା। ଏହି ଜଳ କୂଅରୁ ଅଣାଗଲା ବେଳେ ମନ୍ଦିର କର୍ମଚାରୀମାନେ ହାତରେ ଗୁଆଖୋଳମାନ ଧରି ଲୋକଙ୍କୁ ବାଟରୁ ଆଡ଼ଉ ଥାଆନ୍ତି, ଯେପରି କେହି ଉକ୍ତ ଜଳକୁ ସ୍ପର୍ଶ ନକରନ୍ତି।

ଅଧରପଣା ପ୍ରସ୍ତୁତିରେ ତଳିଛ ମହାପାତ୍ର, ଭିତରଛ ମହାପାତ୍ର, ପାଳିଆ ମହାସୁଆର, ପାଣିପଟ, ପୁଷ୍ପାଳକ ଓ ପତ୍ରିବଡୁ ଆଦି ସେବାୟତ ସହଯୋଗ କରିଥାନ୍ତି। ପିତଳ ହଣ୍ଡାରେ ପାଣିରଖି ସାରିବା ଉତାରୁ ପାଳିଆ ମହାସୁଆରମାନେ ଉକ୍ତ ହଣ୍ଡା ଜଳରେ କ୍ଷୀର, ସର, ପାଚିଲା କଦଳୀ, ଛେନା, ଗୋଲମରିଚ ଗୁଣ୍ଡ, କର୍ପୂର, ବଟା ଜାଇଫଳ ଓ ଛାଚି ଇତ୍ୟାଦି ମିଶାଇ ଅଧରପଣା ପ୍ରସ୍ତୁତ କରନ୍ତି। ଅଧରପଣା ଭୋଗ ପୂର୍ବରୁ ପାଳିଆ ମହାସୁଆରମାନେ ଥାଇ, ଭିତରଛ, ତଳିଛ ଓ ମଝିବାଡ଼ର ପାଳିଆ ପଶୁପାଳକମାନେ ଅଧରପଣା ଆଗରେ ଖଣ୍ଡେ ଖଣ୍ଡେ ନୂଆ ଗାମୁଛା ବାଡ଼ ଦେଇ ଟେରା ବାନ୍ଧିଥା'ନ୍ତି। ମହାପ୍ରଭୁଙ୍କ ଶ୍ରୀଅଧରକୁ ପାଇବା ଭଳି ଉଚ୍ଚ ଥିବା ତୁମ୍ବାକୃତି ତିନୋଟି ମାଟିହାଣ୍ଡି ଉପରେ ଅଧରପଣା ଛାଣିବା ପାଇଁ ଖଣ୍ଡେ ଖଣ୍ଡେ ଧଳା କରିକା (ଜାଲିକନା) ପକାଇଥା'ନ୍ତି। ତୁମ୍ବାକୃତି ଏ ମାଟିର ହାଣ୍ଡିଗୁଡ଼ିକ କୁମ୍ଭାରପଡ଼ା ଓ ମାଟିଆପଡ଼ାର କୁମ୍ଭାରମାନେ କୁରାଳ ପଂଚମୀ ଦିନ ତାଙ୍କ ଇଷ୍ଟଦେବତାଙ୍କ ପୂଜା ପରେ ପ୍ରଥମେ ଅନୁକୂଳ ଭାବେ ଏଗୁଡିକ ଗଢ଼ିଥା'ନ୍ତି ଓ ଶ୍ରୀମନ୍ଦିର ଭଣ୍ଡାରଘରେ ହସ୍ତାନ୍ତର କରିଥା'ନ୍ତି।

ଆଷାଢ଼ ଶୁକ୍ଳ ଦଶମୀ ଦିନ ପାଣିପଟ ସେବକମାନେ ଏଗୁଡ଼ିକ କାଢ଼ି ଧୁଆଧୋଇ କରି ରଥକୁ ଆଣିଥା'ନ୍ତି ଏବଂ ସେଗୁଡିକୁ ଯଥାସ୍ଥାନରେ ରଖନ୍ତି। ଏହାପରେ ପୂର୍ବପ୍ରସ୍ତୁତ ଅଧରପଣାକୁ ପତ୍ରିବଡୁ, ସୁଆରବଡୁ ଓ ଗରାବଡୁ ପାଳିଆ ସେବକ ତିନି ରଥରେ ମୁରୁଜ ଉପରେ ପୂଜା ଠା କରନ୍ତି। ଏଥୁଅନ୍ତେ ପାଳିଆ ପୂଜାପଣ୍ଡା ପଂଚୋପଚାରରେ ପୂଜା କରିଥା'ନ୍ତି ଏବଂ ଅଧରପଣା ହାଣ୍ଡିଗୁଡ଼ିକୁ ଜୀଉମାନଙ୍କୁ ସମର୍ପଣ କରିଥାନ୍ତି। ଏହା ଜୀଉମାନଙ୍କର ପ୍ରସାଦ ହେଲା ପରେ ଅଧରପଣା ହାଣ୍ଡିଗୁଡ଼ିକୁ ଭାଙ୍ଗିଦିଆଯାଏ। ଫଳରେ ପଣାସବୁ ରଥର ବିଭିନ୍ନ ଅଂଶ ଭେଦ ସହ ଭୂଗାମୀ ହୋଇଥାଏ। ଏତିକିବେଳେ ରଥାଶ୍ରିତ ବା ରଥକୁ ଆହୂତ ସମସ୍ତ ଦେବ, ଦେବୀ, ଗନ୍ଧର୍ବ, କିନ୍ନର, ପିଶାଚ, ଚଣ୍ଡୀ, ଚାମୁଣ୍ଡା ଓ ଆଉ ଯିଏ ଯେମିତି ଥାଆନ୍ତି, ଏହି ପଣା ପାଇ ତୃପ୍ତି ପାଇଥାନ୍ତି ଓ ସ୍ୱ ସ୍ୱ ସ୍ଥାନ ପ୍ରତ୍ୟାବର୍ତନ କରିଥାନ୍ତି।

ଏଠାରେ ରଥାଶ୍ରିତ ବା ରଥକୁ ଆହୂତ ଯେଉଁ ଦେବଦେବୀ ଓ ଅନ୍ୟମାନେ ଥାଆନ୍ତି ସେମାନଙ୍କ ମଧ୍ୟରେ ଅଛନ୍ତି-ବଳଭଦ୍ରଙ୍କ ରଥରେ ଥିବା ଶଙ୍କର୍ଷଣ, ରାମକୃଷ୍ଣ, ଗୋପାଳ, ଅନନ୍ତ, ଜୟଦୁର୍ଗା, ଗଣେଶ, କାର୍ତିକେୟ, ସର୍ବମଙ୍ଗଳା, ହଳାୟୁଧ, ମୃତ୍ୟୁଞ୍ଜୟ, ନାତାମ୍ବର, ମହେଶ୍ୱର, ଶେଷଦେବ, କ୍ଷେତ୍ରପାଳ, ଭୈରବ, ଅଷ୍ଟଶକ୍ତି, ତୁଙ୍ଗା, ତୁଙ୍ଗାଭଦ୍ରା, ପ୍ରଭା, ସୁପ୍ରଭା, ଭାତ୍ରୀ, ବିଧାତ୍ରୀ, ନନ୍ଦା, ସୁନନ୍ଦା ଆଦି ଦେବଦେବୀ, ଋଷିମାନଙ୍କ ମଧ୍ୟରେ ଥାଆନ୍ତି- ଅଙ୍ଗିରା, ପୋଲସ୍ତ୍ୟ, ପୁଲହ, କ୍ରତୁ, ଅଗସ୍ତି, ମୁଦ୍‌ଗଳ, ଆତ୍ରେୟ, କାଶ୍ୟପ ଇତ୍ୟାଦି ଅଷ୍ଟଋଷି; ଅଶ୍ୱ ମଧ୍ୟରେ ଥାଆନ୍ତି- ତୀବ୍ର, ଘୋର, ଦୀର୍ଘତମ ଓ ସ୍ୱର୍ଣ୍ଣନାଭ। ସାରଥୀ ଥାଆନ୍ତି-ମାତଳୀ ଏବଂ ଅଶ୍ୱର ରଜ୍ଜୁ ଆକାରରେ ଥାଆନ୍ତି ବାସୁକୀ। ଏହିପରି ବିଧିମତେ ଅନ୍ୟ ଦେବଦେବୀ ଯେ ରହିବା କଥା ରହିଥାଆନ୍ତି।

ମା' ସୁଭଦ୍ରାଙ୍କ ରଥରେ ଥିବା ନଅଜଣ ପାର୍ଶ୍ୱଦେବତା ହେଲେ: ବିମଳା, ଚାମୁଣ୍ଡା, ଭଦ୍ରକାଳୀ, ହରଚଣ୍ଡୀ, ମଙ୍ଗଳା, ବରାହୀ, କାତ୍ୟାୟନୀ, ଜୟଦୁର୍ଗା ଏବଂ କାଳୀ ଇତ୍ୟାଦି। ଏମାନେ ସମସ୍ତେ ଶକ୍ତିରୂପିଣୀ ଅଟନ୍ତି। ଋଷି ମଧ୍ୟରେ ଥାଆନ୍ତି: ଭୃଗୁ, ସୁପ୍ରଭ, ବ୍ରଜ, ଶୃଙ୍ଗୀ, ଧ୍ରୁବ ଓ ଭଲ୍ଲୁକ ଏବଂ ରଜ୍ଜୁ ରୂପରେ ଥାଆନ୍ତି: ନାଗସ୍ୱର୍ଣ୍ଣ ଭୂତ। ଏହିପରି ସୁଭଦ୍ରାଙ୍କ ରଥରେ ଯୋଚାଯାଇଥିବା ଅଶ୍ୱ ଏବଂ ଅନ୍ୟମାନେ।

ସେହିପରି ଜଗନ୍ନାଥଙ୍କ ରଥରେ ବିରାଜମାନ କରିଥାନ୍ତି: ହନୁମାନ, ରାମ, ଲକ୍ଷ୍ମଣ, ନାରାୟଣ, କୃଷ୍ଣ, ଗୋବର୍ଦ୍ଧନ, ଚିନ୍ତାମଣି, ରାଘବ ଓ ନୃସିଂହ। ଋଷିମାନଙ୍କ ମଧ୍ୟରେ ଥାଆନ୍ତି: ନାରଦ, ବ୍ୟାସ, ଦେବକ, ଶୁକ, ପରାଶର, ବଶିଷ୍ଠ, ବିଶ୍ୱାମିତ୍ର ଓ ରୁଦ୍ର ଇତ୍ୟାଦି ଆଠଜଣ। ଶଙ୍ଖ ତଥା ରଥର ପଟ

ସରକାରଙ୍କ ଜମି ଉନ୍ନତି କରଣ କାର୍ଯ୍ୟ ପ୍ରଶଂସନୀୟ

ଫୁଲବାଣୀ,(ପି.ଏନ): କନ୍ଧମାଳ ଜିଲ୍ଲା ଖଜୁରିପଡା ବ୍ଲକ ସୁଡୁରୁକୁମ୍ପା ପଞ୍ଚାୟତ ର ରାଣିପଥର, ଖାନ୍ଧୀକୁଟି ଗ୍ରାମରେ ଜମିର ଉର୍ଣ୍ଣତି କରିବା ପରେ ଅତି ସୁନ୍ଦର ଦେଖାଯାଉଛି ।ଜମି ଉର୍ଣ୍ଣତି କରଣ ରେ ସରକାର ବର୍ଷ କୁ କୋଟି କୋଟି ଖର୍ଚ୍ଚ କରି ଦିନ ମଜୁରିଆ ଙ୍କ ପେଟ ପୋଷିବା ରେ ମାହୀର ଅଛନ୍ତି ।ଏହି କାମରେ କୌଣସି ମେସିନୀ ଲଗାଯାଉନାହିଁ ।ଏହି ଗ୍ରାମର ଲୋକମାନେ ଅର୍ଥାତ ଶ୍ରମିକ ମାନେ କାମ କରନ୍ତି ଏବଂ ଉଚିତ ମୁଲ୍ୟ ମଧ୍ୟ ପାଇଥିବା ପ୍ରକାଶ କରୁଛନ୍ତି ।ଜବକାର୍ଡ ରେ ଲୋକମାନେ ବହୁତ ଉପକୃତ ହେଉଥିବା ଦେଖିବାକୁ ମିଳୁଛି ବୋଲି ଗ୍ରାମର ବୁଦ୍ଧିଜୀବୀ ମାନେ ପ୍ରକାଶ କରିଛନ୍ତି ।ନୂଆ ମେମ୍ବର ମଧ୍ୟ ଗ୍ରାମର ଉର୍ଣ୍ଣତି ଦିଗରେ ମନ ବଳେଇଥିବା ଗ୍ରାମର ଲୋକମାନେ କହୁଛନ୍ତି ।

ଜୀ-ସାର୍ଥକରେ ନୂଆ ମେଘା ସିରିୟଲ ମା'ଯାହାର ସାହା

ଖୋର୍ଦ୍ଧା,(ପି.ଏନ): ଜୀ-ସାର୍ଥକ ଓଡ଼ିଆ ଦର୍ଶକଙ୍କୁ ଭେଟି ଦେବାକୁ ଯାଉଛି ଆଉ ଏକ ନୂଆ ମେଘା ସିରିୟଲ ମା' ଯାହାର ସାହା ନାମରେ ଏହି ନୂଆ ସିରିୟଲଟି ଆସନ୍ତା ୧୮ ଜୁଲାଇ ଠାରୁ ପ୍ରସାରିତ ହେବ। ପ୍ରତ୍ୟେକ ସୋମବାରରୁ ଶନିବାର ରାତି ୮.୩୦ରେ ଦର୍ଶକମାନେ ମା' ଯାହାର ସାହା ଦେଖିପାରିବେ। ବିଜ୍ଞାନ ଓ ଈଶ୍ୱର ଭକ୍ତିର ଅପୂର୍ବ ସଂଯୋଗ ଏହି ସିରିୟଲରେ ଦେଖିବାକୁ ମିଳିବ। ଓଡ଼ିଆ ମନୋରଂଜନ ଦୁନିଆରେ ଏହି ମେଘା ସିରିୟଲ ମା'ଯାହାର ସାହା ଏକ ବଡ଼ ମାଇଲ ଖୁଂଟ ହେବ ବୋଲି ଜୀ-ସାର୍ଥକ ପକ୍ଷରୁ କୁହାଯାଇଛି। ବିଜ୍ଞାନକୁ ବିଶ୍ୱାସ କରୁଥିବା ଡ଼ାକ୍ତର ଶିବ ପ୍ରସାଦ ତ୍ରୀପାଠୀ ଓ ମା' କାଳୀଙ୍କ ଉପରେ ପ୍ରଗାଢ ବିଶ୍ୱାସ ରଖିଥିବା ପାର୍ବତୀ ମଧ୍ୟରେ ପ୍ରେମ ସମ୍ପର୍କକୁ ଅତି

ନୂଛକ ଢଙ୍ଗରେ ପରିବେଶଣ କରାଯାଇଛି। ବିଜ୍ଞାନ ପ୍ରତ୍ୟେକ ପ୍ରଶ୍ନର ଉତର ଦେଉଥିବା ଜଣେ ଦାବୀ କରୁଥିବା ବେଳେ ଈଶ୍ୱର ହିଁ ସର୍ବ ଶକ୍ତିମାନ ଓ ସାରା ସଂସାର ଈଶ୍ୱରଙ୍କ ନିର୍ଦ୍ଦେଶରେ ଚାଲେ ବୋଲି ଆଉ ଜଣେ ଦାବୀ କରେ। ସେହିଭଳି ଶୈଳଭାମା ଓ ଶକ୍ତିପ୍ରସାଦ ନାମରେ ବ୍ୟକ୍ତିଗତ ସ୍ୱାର୍ଥ ହାସଲ କରିବାକୁ ଘରେ ରହିଥିବା ଖଳ ନାୟକମାନଙ୍କୁ ବି ବେସ୍ ଚମତ୍କାର ଭାବେ ଚିତ୍ରଣ କରାଯାଇଛି। ମା'କାଳୀଙ୍କ ଆର୍ଶୀବାଦ ରେ କିଭଳି ସୁନା ସଂସାର ଆଗକୁ ବଢେ ଓ କେଉଁ ଘଟଣା ପ୍ରଭାବିତ କରେ ତାହା ଅତି ନିଖୁଣ ଭାବେ ଦେଖାଯାଇଛି। ଓଡ଼ିଆ ଦର୍ଶକଙ୍କ ଭାବନାକୁ ବୁଝି ପାରୁଥିବା ଜୀସର୍ଥକରେ ପ୍ରସାରିତ ହେବାକୁ ଥିବା ଏହି ନୂଆ ମେଗା ସିରିୟଲରେ ପାର୍ବତୀ ଭୂମିକାରେ ଜସ୍ମିନୀ ରଥ ଅଭିନୟ କରିଥିବା ବେଳେ ଡ଼ାକ୍ତର ଶିବ ପ୍ରସାଦ ଭୂମିକାରେ ଆଲୋକ ଅଭିନୟ କରୁଛନ୍ତି। ଶୈଳଭାମା ଚରିତ୍ରରେ ଛନ୍ଦିତା ପାଢି ଓ ଶକ୍ତି ପ୍ରସାଦ ଭାବେ ବିରେନ ମିତ୍ର ଚମତ୍କାର ଅଭିନୟ କରିଛନ୍ତି। ଆସନ୍ତା ଜୁଲାଇ ୧୮ରୁ ପ୍ରତ୍ୟେକ ସୋମବାରରୁ ଶନିବାର ରାତି ୮.୩୦ମି.ରେ ଦେଖିବାକୁ ଭୂଲିବେ ନି ମା' ଯାହାର ସାହା। ଏଥି ପୂର୍ବରୁ ସୁନାଝିଅ, ଧାରାବାହିକକୁ ଦର୍ଶକମାନେ ବହୁତ ଭଲ ପାଇବା ଦେଇଛନ୍ତି। ମା' ଯାହାର ସାହା ବି ଦର୍ଶକମାନଙ୍କ ଦ୍ୱାରା ଆଦର୍ଶତ ହେବ ବୋଲି ଜୀ-ସାର୍ଥକର ଚ୍ୟାନେଲ ପକ୍ଷ ପ୍ରତୀକ ସିଲ କହିଛନ୍ତି।

ସାମସଙ୍ଗ ଇଣ୍ଡିଆର ସବୁଠାରୁ ବଡ଼ ପାର୍ବଣ ଅଫର ରିୱାର୍ଡ଼ ଇୟୋରସେଲ୍ଫର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ଅଗ୍ରଣୀ ଇଲେକ୍ଟ୍ରୋନିକ୍ସ ଏବଂ ସ୍ମାର୍ଟଫୋନ୍ ବ୍ରାଣ୍ଡ, ସାମସଙ୍ଗ ପକ୍ଷରୁ ଚଳିତ ପାର୍ବଣକୁ ଆହୁରି ଅଧିକ ଆକର୍ଷଣୀୟ କରିବା ପାଇଁ 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନର ଶୁଭାରମ୍ଭ କରାଯାଇଛି । 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ସହିତ, ଗ୍ରାହକମାନେ ଏଚଡ଼ିଏଫସି କ୍ରେଡ଼ିଟ କାର୍ଡ଼ ଏବଂ ଡ଼େବିଟ କାର୍ଡ଼ ଏବଂ ଏସବିଆଇ କ୍ରେଡ଼ିଟ କାର୍ଡ଼ ଉପରେ ୧୦% କ୍ୟାଶବ୍ୟାକ ପାଇବା ସହିତ ଆକର୍ଷଣୀୟ ବଣ୍ଡଲ ଅଫର ଏବଂ ସାମସଙ୍ଗର ବିସ୍ତୃତ ସ୍ମାର୍ଟଫୋନ୍ ଶୃଙ୍ଖଳ, ଓୟେରେବୁଲସ ଏବଂ ଟାବଲେଟ ଇତ୍ୟାଦି ପାଇବାର ସୁବିଧା ରହିଛି । ଏହି ପରିପ୍ରେକ୍ଷୀରେ ସାମସଙ୍ଗ ଇଣ୍ଡିଆର ମୋବାଇଲ ବିଜନେସର, ବରିଷ୍ଠ ଉପାଧ୍ୟକ୍ଷ, ଶ୍ରୀ ମୋହନଦୀପ୍ ସିଂ କହିଛନ୍ତି ଯେ, "ପାର୍ବଣ ସମୟରେ ଆମର ଗ୍ରାହକ ମାନଙ୍କ ଉତ୍ସାହକୁ ଆହୁରି ବୃଦ୍ଧି କରିବା ପାଇଁ, ଆମ୍ଭେମାନେ ଆମର ଅଫର ଗୁଡ଼ିକରେ କ୍ୟାଶବ୍ୟାକ, ସର୍ବନିମ୍ନ ମାସିକ କିସ୍ତି ଏବଂ ଅନ୍ୟ ଆକର୍ଷଣୀୟ ଯୋଜନାମାନ ନେଇଆସିଛୁ ।" ସାମସଙ୍ଗର 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ଅନେକ ଗୁଡ଼ିଏ ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟାରବୁଲସ ଉପରେ ଉପଲବ୍ଧ ଥିବାବେଳେ, ଏହି ପାର୍ବଣ ସମୟରେ ଗାଲାକ୍ସି ଡ଼ିଭାଇସ କ୍ରୟ କରୁଥିବା ପ୍ରତ୍ୟେକ ଗ୍ରାହକଙ୍କ ପାଇଁ ସୁନିଶ୍ଚିତ ପୁରସ୍କାର ନେଇଆସିଛି । ଏହି ଅଫରରେ ୪୯୯୯ ଟଙ୍କାରୁ ୧୦୪୯୯୯ଟଙ୍କା ମଧ୍ୟରେ ରହିଥିବା କେତେକ ବଛାବଛା ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟେରେବୁଲସ ଉପରେ ଏଚଡ଼ିଏଫସି ବ୍ୟାଙ୍କ କାର୍ଡ଼ରେ ୧୦% କ୍ୟାଶବ୍ୟାକ ସୁବିଧା ରହିଛି । ଏହି ଅଫର ଅକ୍ଟୋବର ୧୫ ରୁ ଅକ୍ଟୋବର ୨୭, ୨୦୨୦ ପର୍ଯ୍ୟନ୍ତ ବୈଧ । ୪୯୯୯ଟଙ୍କାରୁ ୪୭୯୯୯ଟଙ୍କାର ସମସ୍ତ ଗାଲାକ୍ସି ସ୍ମାର୍ଟଫୋନ୍ ଏବଂ ବଛାବଛା ଟାବଲେଟ ଏବଂ ଓୟେରବୁଲସରେ ଏସବିଆଇ କ୍ରେଡ଼ିଟ କାର୍ଡ଼ରେ ୧୦% କ୍ୟାଶବ୍ୟାକ ଉପଲବ୍ଧ । ଏହି ଅଫର ଅକ୍ଟୋବର ୨୮ ରୁ ନଭେମ୍ବର ୧୭, ୨୦୨୦ ପର୍ଯ୍ୟନ୍ତ ବୈଧ ।ଗାଲାକ୍ସି ନୋଟ ୨୦ କ୍ରୟ କରୁଥିବା ଗ୍ରାହକମାନେ ତୁରନ୍ତ ୧୦,୦୦୦ ଟଙ୍କାର କ୍ୟାଶବ୍ୟାକ ପାଇପାରିବେ । ଏହି ଅଫର ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫, ୨୦୨୦ ପର୍ଯ୍ୟନ୍ତ ବୈଧ । ଗାଲାକ୍ସି ଏ ସିରିଜ ଏବଂ ସମସ୍ତ ଫ୍ଲାଗସିପ୍ ଡ଼ିଭାଇସ ଉପରେ ଗ୍ରାହକମାନେ ନୋ କଷ୍ଟ୍ ଇଏମଆଇ ସହିତ ଜିରୋ ଡ଼ାଉନପେମେଂଟ ସୁବିଧା ପାଇପାରିବେ । ଗ୍ରାହକମାନେ ୧୩,୦୦୦ ଟଙ୍କା ପର୍ଯ୍ୟନ୍ତର ଅପଗ୍ରେଡ଼ ବୋନସ ପାଇପାରିବା ସହିତ ଚଳିତବର୍ଷ ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫ ପର୍ଯ୍ୟନ୍ତ ଗାଲାକ୍ସି ନୋଟ୨୦ ଅଲଟ୍ରା କ୍ରୟରେ ୭୦୦୦ ଟଙ୍କା ମୂଲ୍ୟର ସାମସଙ୍ଗ ଭାଉଚର ପାଇପାରିବେ । ଗ୍ରାହକମାନେ ଏହି ଭଳି ଆହୁରି ଅନେକ ଆକର୍ଷଣୀୟ ଅଫରକୁ ଉପଭୋଗ କରିପାରିବେ । ଏହି ପାର୍ବଣ ଅଫରଗୁଡ଼ିକ ଅଗ୍ରଣୀ ରିଟେଲ ଷ୍ଟୋର ଏବଂ ସାମସଙ୍ଗ ଡ଼ଟ କମରେ କ୍ରୟ ଉପରେ ଉପଲବ୍ଧ ।

ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟରେ ନୂଆ ଉଦାହରଣ ସୃଷ୍ଟି କରାଯାଇଛି

ଭୁବନେଶ୍ୱର: ନିର୍ମାଣ ଯନ୍ତ୍ରାଂଶ, ହେଭି ଯନ୍ତ୍ରାଂଶ କ୍ଷେତ୍ରରେ ବିଭିନ୍ନ ଉତ୍ପାଦ ଉପଲବ୍ଧ କରାଉଥିବା ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟ ସମୟରେ ଏକ ନୂଆ ଉଦାହରଣ ସୃଷ୍ଟି କରାଯାଇଛି । କମ୍ପାନୀ ପକ୍ଷରୁ ଏହାର ସମସ୍ତ ୩୫ ଡିଲରଙ୍କୁ ସାମ୍ପ୍ରତିକ ଆହ୍ୱାନମୂଳକ ସମୟରେ ବହୁବିଧ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଇଛି । କ୍ରେଡ଼ିଟ୍ ସମୟସୀମାକୁ କମ୍ପାନୀ ପକ୍ଷରୁ ବର୍ଦ୍ଧିତ କରାଯାଇଛି । ଏହି ସୁବିଧା ସମସ୍ତ ନିର୍ମାଣ ଯନ୍ତ୍ରାଂଶ ଏବଂ ସ୍ପେୟାର ପାର୍ଟସ୍ ପାଇଁ ଉପଲବ୍ଧ ହେଉଛି । ସେହିପରି ଗ୍ରାହକଙ୍କ ୱାରେଣ୍ଟି ସମୟକୁ ମଧ୍ୟ ବଢ଼ାଇ ଦିଆଯାଇଛି । କମ୍ପାନୀରେ କାର୍ଯ୍ୟ କରୁଥିବା ୧୧୦୦ରୁ ଅଧିକ କର୍ମଚାରୀଙ୍କୁ ଦରମା ସହାୟତା ମଧ୍ୟ ଯୋଗାଇ ଦିଆଯାଇଛି । ଭାରତ ଏବଂ ଦକ୍ଷିଣ ଏସିଆରେ ଥିବା ଏହାର ପେ ରୋଲ୍ କର୍ମଚାରୀଙ୍କ ପାଇଁ ଏହି ସୁବିଧା ଲାଗୁ ହୋଇଛି । ଡିଲରଙ୍କୁ ଯୋଗାଇ ଦିଆଯାଇଥିବା ସହାୟତା ଯୋଗୁ ୩ ପ୍ରକାର ଲାଭ ମିଳି ପାରିଛି । ଡିଲରମାନେ ସେମାନଙ୍କର ମାନବସମ୍ବଳର ଉପଯୋଗ କରିପାରିଛନ୍ତି । ସେହିପରି ବ୍ୟବସାୟିକ ଧାରାକୁ ବଜାୟ ରଖିବା ସହିତ ବଜାର ଖୋଲିବା ପରେ ପୁଣି ସୁବିଧାରେ କାରବାର ଆରମ୍ଭ କରିପାରିଛନ୍ତି । ଏହି ଯୋଜନାବଦ୍ଧ ରଣନୀତି ଦ୍ୱାରା କମ୍ପାନୀ ୨୦୧୯ ତୁଳନାରେ ଲକ୍‌ଡାଉନ୍ ହଟିବା ପରେ ଗତ ୨ମାସ ଅଗଷ୍ଟ ଏବଂ ସେପ୍ଟେମ୍ବର ମଧ୍ୟରେ ବ୍ୟବସାୟ ବୃଦ୍ଧିରେ ଅଗ୍ରଗତି କରିପାରିଛି । କମ୍ପାନୀର ଏକ୍ୱାଭେଟର ମାର୍କେଟ ଶେୟାର ୧୪.୫ ପ୍ରତିଶତରେ ପହଂଚିଛି । ଏହାର ଅଭିବୃଦ୍ଧି ହାର ୧୫ ପ୍ରତିଶତ ରହିଛି । ସେହିପରି କ୍ରାଓ୍ୱଲ କ୍ରେନ୍‌ର ମାର୍କେଟ ଶେୟାର ୪୫ ପ୍ରତିଶତ ଥିବାବେଳେ ଏହାର ଅଭିବୃଦ୍ଧି ହାର ୮୦ ପ୍ରତିଶତ ରହିଛି । ଟ୍ରକ୍ କେନ୍‌ର ମାର୍କେଟ ଶେୟାର ୭୦ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୧୦ ପ୍ରତିଶତ ଛୁଇଁଛି । ପିଲିଂ ରିଙ୍ଗ୍‌ର ମାର୍କେଟଶେୟାର ୭୫ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୨୪ ପ୍ରତିଶତ

ରହିଛି । ମୋଟୋର ଗ୍ରେଡ୍‌ର ମାର୍କେଟ ଶେୟାର ୧୧ ପ୍ରତିଶତ ଥିବାବେଳେ ଏହା ଅଭିବୃଦ୍ଧି ହାର ୧୦ ପ୍ରତିଶତ ରହିଛି । ସାନୀ ଇଣ୍ଡିଆ ଡିଲରମାନଙ୍କୁ ସବୁବେଳେ ଏହାର କାରବାର ବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବେ ବିବେଚନା କରିଥାଏ । କମ୍ପାନୀର ପଦକ୍ଷେପ ଯୋଗୁ ଡିଲରମାନଙ୍କୁ ଆବଶ୍ୟକ ଆର୍ଥିକ ସହାୟତା ମିଳିପାରିଛି । ଏହି ଅବସରରେ ସାନୀ ଗ୍ରୁପ୍‌ର ଭାରତ ତଥା ଦକ୍ଷିଣ ଏସିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦୀପକ ଗର୍ଗ କହିଲେ, " ଆମେ ଆର୍ଥିକ ସହାୟତାକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରିପାରିଛୁ । ଏହାଦ୍ୱାରା ଡିଲରମାନେ ବିଶେଷ ଉପକୃତ ହୋଇପାରିଛନ୍ତି । ମହାମାରୀ ସଙ୍କଟ ସମୟରେ ସହାୟତା ଯୋଗୁ ଡିଲରମାନେ ସେମାନଙ୍କ କାରବାରକୁ ବନ୍ଦ ନ କରି ଜାରି ରଖିପାରିଛନ୍ତି । କୋଭିଡ୍ ସଙ୍କଟ ଆମମାନଙ୍କୁ ଅସୁବିଧା ସମୟରେ କିଭଳି ସହାୟତା ଦ୍ୱାରା କାରବାର ବୃଦ୍ଧି କରାଯାଇ ପାରିବ ତାହାର ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଇଛି । ମହାମାରୀ ସଙ୍କଟ ସମୟରେ ପୃଥିବୀର ବହୁ କମ୍ପାନୀ ସେମାନଙ୍କର କର୍ମଚାରୀଙ୍କୁ ଛଟେଇ କରିବା ଆରମ୍ଭ କରିଥିଲେ । ଏପରିସ୍ଥଳେ ସାନୀ ଇଣ୍ଡିଆ ପଦୋନ୍ନତି ଏବଂ ଦରମା ବୃଦ୍ଧି କରିଥିଲା । କମ୍ପାନୀର ଏଭଳି ଦୂର ଦୃଷ୍ଟି ସମ୍ପନ୍ନ ଆର୍ଥିକ ନୀତିର ସକାରାତ୍ମକ ପ୍ରଭାବ ଏହାର ଆର୍ ଆଣ୍ଡ୍ ଡି ଉପରେ ଅନୁଭୂତ ହୋଇଛି । ଲକ୍‌ଡାଉନ୍ ସମୟରେ ଗ୍ରାହକ ଏବଂ ଫାଇନାନ୍ସର,ମଲ୍ଟିପ୍ଲେ ଟ୍ରେନିଂ ଏବଂ ଡେଭଲପମେଂଟ୍ କାର୍ଯ୍ୟ ଆଦି ସମ୍ପନ୍ନ ହୋଇପାରିଛି ।

ନିଶାନ୍ ଇଣ୍ଡିଆ ପକ୍ଷରୁ ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍ ବି-ଏସ୍‌ୟୁଭି ଉନ୍ମୋଚିତ

ଭୁବନେଶ୍ୱର: 'ମେକ୍ ଇନ୍ ଇଣ୍ଡିଆ, ମେକ୍ ଫର୍ ୱାର୍ଲ୍ଡ' ଦର୍ଶନ ଉପରେ ନିର୍ମିତ ନିଶାନ ଇଣ୍ଡିଆ ଏହାର ବହୁ ପ୍ରତିକ୍ଷୀତ ବି-ଏସ୍‌ୟୁଭି ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍‌କୁ ଉନ୍ମୋଚନ କରିଛି । ନିଶାନ୍-ନେସ୍ କନ୍‌ସେପ୍ଟର ଏକ ବାସ୍ତବ ପ୍ରତିଫଳନ ନୂଆ ନିଶାନ୍ ମାଗ୍ନାଇଟ୍‌କୁ ଏକ ଭର୍ଚୁଆଲ ଇଭେଂଟ୍ ଜରିଆରେ ସମଗ୍ର ବିଶ୍ୱର ଦର୍ଶକଙ୍କ ପାଇଁ ଉନ୍ମୋଚିତ କରାଯାଇଥିଲା । ଏସମ୍ପର୍କରେ ନିଶାନ ମୋଟର ଇଣ୍ଡିଆର ଅଧ୍ୟକ୍ଷ, ସିନାନ୍ ଓଜ୍‌କୋକ୍ କହିଛନ୍ତି‌ଯେ, "ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍ ଆମର ନିଶାନ୍ ନେକ୍ସଟ୍ ରଣନୀତି କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି ଏବଂ ଏକ ଗ୍ରାହକ କୈନ୍ଦ୍ରିକ ସଂସ୍ଥା ଭାବେ ଭାରତୀୟ ବଜାର ପାଇଁ ନିଶାନ୍‌ର ଅବିସ୍ମରଣୀୟ ପ୍ରତିଶ୍ରୁତିର ପ୍ରତିନିଧିତ୍ୱ କରୁଛି । ଏହି କାର୍ ସମୃଦ୍ଧ ଅଭିଜ୍ଞତା ପାଇଁ ଆକର୍ଷଣୀୟ ଉତ୍ପାଦ ଡେଲିଭର କରିବା ଲାଗି ଆମେ କରୁଥିବା ସବୁକିଛିର କେନ୍ଦ୍ରରେ ଗ୍ରାହକଙ୍କୁ ରଖିବା ନେଇ ଆମର ବ୍ରାଣ୍ଡ ଫିଲୋସୋଫିକୁ ଦୋହରାଉଛି ।" ଅଲ୍-ନ୍ୟୁ ନିଶାନ ମାଗ୍ନାଇଟ୍ ହେଉଛି ନିରନ୍ତର ଉଦ୍ଭାବନ, ଅତ୍ୟାଧୁନିକ ଟେକ୍ନୋଲୋଜି ଓ ଜାପାନିଜ୍ ଇଞ୍ଜିନିୟରିଙ୍ଗ୍‌ର ନିଶାନର ଗ୍ଲୋବାଲ ଏସ୍‌ୟୁଭି ଡିଏନ୍‌ଏର ଏକ ପ୍ରମାଣ । ଏଥିରେ ନିଶାନ୍ ଇଂଟେଲିଜେଂଟ୍ ମୋବିଲିଟି (ଏନ୍‌ଆଇଏମ୍) ର ଅଂଶ ଭାବେ ନୂତନ ଟେକ୍ନୋଲୋଜି ଏବଂ ଯାନଗୁଡିକୁ କିଭଳି ସମାଜ ସହ ପାରିଚାଳିତ, ଡ୍ରାଇଭେନ୍ ଓ ଇଂଟିଗ୍ରେଟେଡ୍ କରାଯିବ ତାହାକୁ ନେଇ କମ୍ପାନୀର ଆଭିମୁଖ୍ୟ ସାମିଲ ରହିଛି । ଜାପାନରେ ଡିଜାଇନ୍ ହୋଇଥିବା ଓ ଭାରତୀୟ ଗ୍ରାହକଙ୍କ ଆବଶ୍ୟକତା ଓ ଆକାଂକ୍ଷାକୁ ଦୃଷ୍ଟିରେ ରଖି ନିର୍ମିତ ଅଲ୍ ନ୍ୟୁ ନିଶାନ ମାଗ୍ନାଇଟ୍‌ରେ ଏକାଓ୍ୱକ ଫାର୍ଷ୍ଟ-ଇନ୍-କ୍ଲାସ୍ ଓ ବେଷ୍ଟ-ଇନ୍-ସେଗ୍‌ମେଂଟ୍ ଫିଚର ରହିଛି । ଏହାର ଫାର୍ଷ୍ଟ-ଇନ୍-କ୍ଲାସ୍ ପ୍ଲେୟାର ଗାର୍‌ନେଟ୍ ରେଡ୍ (ଟିଂଟ୍ କୋଟ୍) କଲର୍ ଗଭୀରତା ଓ ଉନ୍ନତ ଗୁଣବତା ସହ ପ୍ରିମିୟମନେସ୍‌କୁ ପ୍ରତିଫଳନ କରୁଛି । ଏହା ୯ଟି ବଡି କଲର୍‌ଏ ୫ଟି ମୋନୋଟୋନ୍ ଓ ୪ଟି ଡୁଆଲ ଟୋନ୍ କଲର୍‌ରେ ଉପଲବ୍ଧ ହେଉଛି । ଏହି କାର୍‌ରେ ସବୁଠାରୁ ପତଳା ହେଡ୍‌ଲ୍ୟାମ୍ପ, ହାଲୁକା ସେପର-ଷ୍ଟାଇଲ୍ ଟର୍ଣ୍ଣ ଇଣ୍ଡିକେଟର୍, ଏଲ୍- ସେପ୍ ଏଲ୍‌ଇଡି ଡେଟାଇମ୍ ରନିଙ୍ଗ ଲାଇଟ୍‌ସ (ଡିଆର୍‌ଏଲ୍) ଓ ଡୋମିନେଟିଙ୍ଗ୍ ଫ୍ରଂଟ୍ ଗ୍ରିଲ୍ ରହିଛି । ଏଥିରେ ବ୍ୟାପକ ଶୃଙ୍ଖଳାର ଆକ୍‌ସେସରିଜ୍, ଏକ ୱାୟାରଲେସ୍ ଚାର୍ଜର୍, ଏୟାର ପ୍ୟୁରିଫାୟାର, ପଡଲ୍ ଲ୍ୟାମ୍ପ ଓ ଆମ୍ବିଏଂଟ୍ ମୁଡ୍ ଲାଇଟିଙ୍ଗ ଥିବା ଟେକ୍ ପାକ୍ ରହିଛି । ଏହାର ହରାଇଜୋଂଟାଲ ଇନଷ୍ଟ୍ରୁମେଂଟ୍ ପ୍ୟାନେଲ ଷ୍ଟ୍ରକ୍‌ଚର ଡବଲ ଡେକ୍ କନ୍‌ସୋଲ ଏହି କାର୍‌କୁ ଅଧିକ ଚଉଡା କରୁଛି ।

ଇଣ୍ଡିଆନ ଟେରେନ୍ ଏକ ଫେୟାରଟ୍ରେଡ କ୍ୟାପ୍‌ସୁଲ ସହିତ ହାଇ ଷ୍ଟ୍ରିଟ ଫେସନ୍‌ରେ ନିରନ୍ତରତାର ଅଗ୍ରଣୀ ସାଜିଛି

ଭୁବନେଶ୍ୱର : ବିଗତ ବର୍ଷଗୁଡ଼ିକରେ ନିରନ୍ତର ଏବଂ ଦାୟିତ୍ୱ ସଂପନ୍ନ ଗ୍ରାହକମାନେ ବ୍ରାଣ୍ଡଗୁଡ଼ିକୁ ସେମାନଙ୍କ ଯୋଗାଣ ଶୃଙ୍ଖଳାରେ ସ୍ୱଚ୍ଛତା ଓ ନିରନ୍ତରତା ପ୍ରଦର୍ଶନ କରିବା ଲାଗି ଉତ୍ସାହିତ କରୁଛନ୍ତି । ଗ୍ରାହକମାନଙ୍କୁ ଶ୍ରେଷ୍ଠ ଗୁଣାତ୍ମକ ମାନର ଉତ୍ପାଦ ଯୋଗାଇବା ନେଇ ୨୦ ବର୍ଷର ପ୍ରତିବଦ୍ଧତାକୁ ଦୋହରାଇ ଓ ଏକ ସୁଦୃଢ଼ ଜାତୀୟ ବ୍ରାଣ୍ଡ ସୃଷ୍ଟି କରିବା ଲାଗି ଦେଶର ଆହ୍ୱାନ ଅନୁସାରେ ଭାରତର ଅଗ୍ରଣୀ ପୁରୁଷ ପରିଧାନ ଓ ଶିଶୁ ପରିଧାନ ବ୍ରାଣ୍ଡ ଇଣ୍ଡିଆନ ଟିରେନ୍ ପକ୍ଷରୁ ପରିବେଶର ସୁରକ୍ଷା ଓ ଗୁଜରାଟର ଫେୟାରଟ୍ରେଡ ଚାଷୀଙ୍କୁ ସଶକ୍ତ କରିବା ଲାଗି ଏକ ସ୍ୱତନ୍ତ୍ର ନିରନ୍ତର ଫେସନ ପୋଷାକ ବର୍ଗ (ସଷ୍ଟେନେବଲ ଫେସନ୍ ଲାଇନ୍) ସୃଷ୍ଟି କରିବା ପାଇଁ ଫେୟାରଟ୍ରେଡ ଇଣ୍ଡିଆ ସହ ହାତ ମିଳାଯାଇଛି । ଫେସନ୍‌ର ସାମାଜିକ ଓ ପରିବେଶ ଉପସ୍ଥିତି ବୃଦ୍ଧି ପାଉଥିବାରୁ ପରିବର୍ତନକୁ ଆଗକୁ ବଢ଼ାଇବା ବ୍ରାଣ୍ଡ ଲାଗି ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି । ନିରନ୍ତର ଫେସନ୍‌କୁ ମୁଖ୍ୟସ୍ରୋତରେ ପରିଣତ କରିବା ଲାଗି ଇଣ୍ଡିଆନ ଟେରେନ୍ ଏହାର ଭୂମିକାକୁ ସ୍ୱୀକୃତି ଦେଇଛି । ଏହି ଦିଗରେ ପଦକ୍ଷେପ ସ୍ୱରୂପ ଏକ ଫାୟାରଟ୍ରେଡ କ୍ୟାପସୁଲ ଉନ୍ମୋଚନ କରିବା ଲାଗି ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡ ହେବାକୁ କଂପାନି ପ୍ରତିବଦ୍ଧ । ଇଣ୍ଡିଆନ ଟେରେନ୍‌ର ଫେୟାରଟ୍ରେଡ ଲେବଲ ଥିବା ସମ୍ଭାର/ କ୍ୟାପସୁଲର ଅର୍ଥ ହେଉଛି ସମ୍ଭାର/କ୍ୟାପସୁଲ ତିଆରି କରିଥିବା କ୍ଷେତ ଓ କାରଖାନାଗୁଡ଼ିକରେ ସାମାଜିକ ଓ ପରିବେଶ ନିରନ୍ତରତା ମାନକକୁ ପାଳନ କରାଯାଇଛି । ଏହାର ଅର୍ଥ ହେଉଛି-ଚାଷୀମାନେ ଉତ୍ପାଦିତ ସାମଗ୍ରୀ ପାଇଁ ଉଚିତ ମୂଲ୍ୟ ପାଇଛନ୍ତି, କେଣସି ହାନିକାରକ କିଟନାଶକ ବ୍ୟବହାର କରାଯାଇନାହିଁ, ଶିଶୁ ଶ୍ରମିକ ନିଷିଦ୍ଧ କରାଯାଇଛି ଏବଂ ଏହି ପୋଷାକଗୁଡ଼ିକ ତିଆରି ବେଳେ ପରିବେଶକୁ ସୁରକ୍ଷା ଦିଆଯାଇଛି । ଏହି ସହଯୋଗିତା ସଂପର୍କରେ ଶ୍ରୀଯୁକ୍ତ ଚରଥ ନରସିମହନ୍, ପରିଚାଳନା ନିର୍ଦ୍ଦେଶକ, ଇଣ୍ଡିଆନ ଟେରେନ୍ ଫେସନସ୍ ଲିମିଟେଡ କହିଛନ୍ତି ଯେ, ଚକ୍ର

୭ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟାଙ୍କ ଅଭିନବ ପ୍ରୟାସ: ଆମ ଗାଁ ଆମେ ଗଢିବା

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀର ୭ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟା ମଧୁଛନ୍ଦା ମହାନ୍ତି ତାଙ୍କ ଜୋନ ଅନ୍ତର୍ଗତ ଗ୍ରାମଗୁଡିକର ସର୍ବାଙ୍ଗ ଉନ୍ନତି ପାଇଁ ଏକ ଅଭିନବ ପ୍ରୟାସ ଆରମ୍ଭ କରିଛନ୍ତି। ତାହା ହେଉଛି 'ଆମ ଗାଁ ଆମେ ଗଢିବା'। ଏ ନେଇ ସେ ଓ କେନ୍ଦ୍ରାପଡ଼ା ବ୍ଲକର ପୂର୍ବତନ ଅଧ୍ୟକ୍ଷ ଦୁର୍ଗାଶିଷ ମହାନ୍ତି ଗାଁକୁ ଗାଁ ବୁଲି ଲୋକମାନଙ୍କ ପରିସ୍ଥିତିକୁ ଅନୁଧ୍ୟାନ କରୁଛନ୍ତି। ଲୋକମାନେ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛନ୍ତି କି ନାହିଁ। ଯଦି ସେଥିରୁ ବାଦ ପଡିଛନ୍ତି ତାହେଲେ ସଙ୍ଗେ ସଙ୍ଗେ ସେମାନଙ୍କଠାରୁ ଦରଖାସ୍ତ ଗ୍ରହଣ କରାଯାଇ କର୍ତ୍ତୃପକ୍ଷଙ୍କ ପାଖକୁ ପଠାଯାଉଛି। ସେହିଠାରେ ଲୋକଙ୍କ ସମସ୍ୟାର ସମାଧାନ କରାଯାଉଛି। ଠିକ ସେହିପରି କେଉଁ ଗାଁରେ ପାନୀୟ ଜଳ ସମସ୍ୟା ରହିଛି କି, ମହିଳା ସଶକ୍ତିକରଣ ଯୋଜନାରୁ କେହି ବାଦ ପଡିଛନ୍ତି କି, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଓ ଆୟୁଷ୍ମାନ ଭାରତ ଯୋଜନାର କାର୍ଡ ପ୍ରକୃତ ହିତାଧିକାରୀଙ୍କ ପାଖରେ ଅଛି କି ନାହିଁ କୃଷି ଓ ପଶୁ ପାଳନ ଯୋଜନାରେ ପ୍ରକୃତ ହିତାଧିକାରୀ ସାମିଲ ହୋଇଛନ୍ତି କି ନାହିଁ, ଗ୍ରାମାଞ୍ଚଳର ପିଲାମାନେ ଗୁଣାତ୍ମକ ଶିକ୍ଷା ପାଉଛନ୍ତି କି ନାହିଁ ସେ ସମ୍ପର୍କରେ ଲୋକଙ୍କ ଠାରୁ ଉଭୟ ପଚାରି ବୁଝୁଛନ୍ତି। ଲୋକଙ୍କ ସମସ୍ୟା ଶୁଣିବା ପରେ ତାହାକୁ ବିଭାଗୀୟ ଅଧିକାରୀଙ୍କ ନିକଟରେ ପହଞ୍ଚାଇ ସେହି ସମସ୍ୟାର ତୁରନ୍ତ ସମାଧାନ ପାଇଁ ପ୍ରଚେଷ୍ଟା ଜାରି ରଖିଛନ୍ତି। ଫଳରେ ବିଭାଗୀୟ ଅଧିକାରୀ ପ୍ରକୃତ ତଥ୍ୟ ପାଇ ପାରୁଛନ୍ତି। ଏହି କାର୍ଯ୍ୟ ରଥଯାତ୍ରା ଦିନ ଆରମ୍ଭ ହୋଇଛି। ଏହି ଜୋନ ଅଧିନରେ ଥିବା ବାରୋ, ଗାଙ୍ଗପଡ଼ା, ପଳସିଂହା, ସାନମାଣତିଆ, ଚନ୍ଦନପୁର ଓ କେଶପୁର ଗ୍ରାମଞ୍ଚାୟତରେ ଥିବା ପ୍ରତ୍ୟେକ ଗ୍ରାମ ଓ ପ୍ରତ୍ୟେକ ୱାର୍ଡରେ ଏଭଳି କାର୍ଯ୍ୟ କରାଯିବ ବୋଲି ଜିଲ୍ଲା ପରିଷଦ ସଭ୍ୟା ମଧୁଛନ୍ଦା ମହାନ୍ତି ସୂଚନା ଦେଇଛନ୍ତି।

କେନ୍ଦ୍ରାପଡା ସରକାରୀ ଡାକ୍ତରଖାନାରେ ମ୍ୟାଲେରିଆ ନିରାକରଣ ମାସ ପାଳିତ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ମ୍ୟାଲେରିଆ ନିରାକରଣ ମାସ ପାଳିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରିଣୀ ଡା. ଅନିତା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତିରିକ୍ତ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡ଼ା. ଏ. ପଟ୍ଟନାୟକ, ଡିପିଏଚଓ ଡା. ମିର୍ଜା ବାବର ବେଗ, ଡା. ସଚିଦାନନ୍ଦ ମିଶ୍ର, ଡା. ନୃପେନ ଶତପଥୀ, ଡା. ପି.କେ. ଦାସ ପ୍ରମୁଖ ଯୋଗ ଦେଇ କୌଣସି ବ୍ୟକ୍ତି ଦକ୍ଷିଣ ଆଫ୍ରିକା ବା ଅନ୍ୟ କୌଣସି ରାଷ୍ଟ୍ର ବା ଦେଶରୁ ଫେରିଥିଲେ ସେମାନଙ୍କର ମ୍ୟାଲେରିଆ ପରୀକ୍ଷା କରାଯିବା ସହିତ ସେମାନଙ୍କୁ ଆଇସୋଲେସନରେ ରଖାଯିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ପ୍ରତ୍ୟେକ ସ୍ତରରେ ମ୍ୟାଲେରିଆ ନିରାକରଣ ନିମନ୍ତେ ସଚେତନତା ସୃଷ୍ଟି କରିବା ଆବଶ୍ୟକ ବୋଲି ଉପସ୍ଥିତ ଅତିଥି ମାନେ ମତବ୍ୟକ୍ତ କରିଥିଲେ। କୌଣସି ମ୍ୟାଲେରିଆ ରୋଗୀ ଚିହ୍ନଟ ହେଲେ ତାଙ୍କର ସଂପୂର୍ଣ୍ଣ ପରୀକ୍ଷା କରି ଚିକିତ୍ସାରେ ରହିବା ପାଇଁ ପରାମର୍ଶ ଦିଆଯାଉଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ୯ଟି ବ୍ଲକ ଓ ୨ଟି ପୌରାଞ୍ଚଳର ଚିକିତ୍ସା ଅଧିକାରୀମାନେ ଅଂଶ ଗ୍ରହଣ କରିଥିଲେ।

ସରକାରଙ୍କ ଆଡ଼ନଜରରେ ପ୍ରାଚୀନ ଶ୍ୟାମସୁନ୍ଦର ମନ୍ଦିର

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ମିର୍ଜାପୁର ପଞ୍ଚାୟତ ଅରଙ୍ଗାବାଦ ଗ୍ରାମରେ ରହିଛି ୮ଶହ ବର୍ଷର ପ୍ରାଚୀନ ଶ୍ୟାମସୁନ୍ଦର ମନ୍ଦିର। ଯେଉଁଠାରେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଶ୍ୟାମସୁନ୍ଦରଙ୍କ ନାମରେ ପୂଜା ପାଆଁ। ଏଠାରେ ପୁରୀ ଜଗନ୍ନାଥ ମନ୍ଦିର ଭଳି ସମସ୍ତ ରୀତିନୀତି ସମ୍ପନ୍ନ ହୋଇଥାଏ। ହେଲେ ମନ୍ଦିର ପ୍ରତିଷ୍ଠା ଦିନରୁ ଏପର୍ଯ୍ୟ' କେବେ ରଥଯାତ୍ରା ହୋଇ ନାହିଁ। ବଉଳମାଳିଆ ପଥର ଉପରେ ଦେଉଳ ନିର୍ମିତ ହୋଇଛି। ମନ୍ଦିରର ଉଚ୍ଚତା ପ୍ରାୟ ୩୫ଫୁଟ୍ ଓ ପ୍ରସ୍ଥ ୨୫ ଫୁଟ୍ ରହିଛି। ମନ୍ଦିରର ଗର୍ଭଗୃହ, ଭୋଗ ମଣ୍ଡପ, ନାଟ ମଣ୍ଡପ ଓ ସିଂହଦ୍ୱାର ଚାରି ଭାଗରେ ବିଭକ୍ତ। ପାର୍ଶ୍ୱ ଦେବତା ଭାବେ ବରାହ ବାମନ ଓ ପ୍ରଭୁ ନୃସିଂହ ରହିଛି। ଚାରି ଦିଗରେ ଚାରୋଟି ଦ୍ୱାର ରହିଛି। ପୂବ ଦ୍ୱାର ବା ସଂହଦ୍ୱାରରେ ଗଜସଂହ, ଅରୁଣ ସ୍ତମ୍ଭ, ତୁଳସୀ ଚଉରା, ଉତ୍ତର ପାର୍ଶ୍ୱରେ ଚନ୍ଦନ ପୁଷ୍କରଣୀ, ଚନ୍ଦନ ବେଦୀ, ମହାଗ୍ରହ ଶନିଦେବ ଓ ଲକ୍ଷ୍ମୀନାରାୟଣଙ୍କ ମନ୍ଦିର ଅବସ୍ଥିତ। ଦକ୍ଷିଣ ପାର୍ଶ୍ୱରେ ଝୁଲଣ ମଣ୍ଡପ, ଦୋଳ ବେଦୀ, ଚନ୍ଦନ ଯାତ୍ରା ମଣ୍ଡପ ଓ ଗ୍ରାମ ଦେବତୀ ମା ତିମିରାଶୁଣୀ ରହିଛି। ପଶ୍ଚିମ ପାର୍ଶ୍ୱରେ ଶ୍ରୀ ଜୀଉଙ୍କ ସେବକ ନିଯୋଗ

ବ୍ରାହ୍ମଣ ଶାସନ ଓ ମନ୍ଦିର ବେଢାର ମଧ୍ୟସ୍ଥଳରେ ସ୍ନାନ ମଣ୍ଡପ ରହିଛି। ଶିଳ୍ପକଳା ଦୃଷ୍ଟିରୁ ମନ୍ଦିରର ଶୋଭା ଅତି ସୁନ୍ଦର। ଗର୍ଭଗୃହର ରତ୍ନ ସିଂହାସନରେ ପୂଜା ପାଉଛି ପ୍ରଭୁ ଶ୍ରୀ ଶ୍ୟାମସୁନ୍ଦର। ସେବକମାନେ ପ୍ରତିଦିନ ମହାପ୍ରଭୁଙ୍କୁ ତୁଳସୀ ମାଳ, ପଦ୍ମଫୁଲ ଓ ବଡସିଂହାର ବେଶରେ ସଜାଇ ଥାଆଁ। ସେମାନଙ୍କ ପ୍ରତି ମହାପ୍ରଭୁଙ୍କ ଅପାର କରୁଣା ରହିଥିବା ସ୍ଥାନୀୟ ଅଞ୍ଚଳବାସୀଙ୍କ ଅଖଣ୍ଡ ବିଶ୍ୱାସ ରହିଛି। ପ୍ରଭୁଙ୍କ ନିକଟରେ ମାନସିକ କରି ଗୁଆଟିଏ ବସାଇ ଦେଲେ ସବୁ ମନସ୍କାମନା ପୂରଣ ହୋଇଥାଏ। ନିକଟରେ ଥିବା ଚନ୍ଦନ ପୁଷ୍କରିଣୀରେ ସ୍ନାନ କଲେ ସାତଜନ୍ମର ପାପକ୍ଷୟ ହୁଏ ବୋଲି ଶ୍ରଦ୍ଧାଳୁମାନଙ୍କର ଦୃଢ଼ବିଶ୍ୱାସ ରହିଛି। ସାପ କାମୁଡ଼ା ରୋଗୀ ପ୍ରଭୁଙ୍କ ନିକଟରେ ଅଧିଆ ପଡିବା ସହିତ ଚନ୍ଦନ ପୁଷ୍କରିଣୀର ପାଣି ଢାଳି ହୋଇ ତୁଳସୀ ପାଇଲେ ଭଲ ହୋଇଯାଏ ବୋଲି କିମ୍ବଦ'ୀ ରହିଛି। ଲୋକକଥା ଅନୁଯାୟୀ, ପ୍ରାୟ ୮ଶହ ବର୍ଷ ପୂର୍ବେ ଶ୍ୟାମ ବାବା ନାମକ ଜଣେ ପଶ୍ଚିମା ବାବାଜି ଅରଙ୍ଗାବାଦ ଗ୍ରାମରେ ଏକ ଝୁମୁଡି ଘରେ ବସବାସ କରୁଥିଲେ। ସେ ଜଗନ୍ନାଥଙ୍କୁ ପାଖରେ ରଖି ପୂଜାର୍ଚ୍ଚନା କରୁଥିଲେ। ତାଙ୍କ ଦେହା' ପରେ ସ୍ଥାନୀୟ ପଟ୍ଟନାୟକ ବଂଶର ଜମିଦାର ଠାକୁରଙ୍କ ପାଇଁ ଏକ ମନ୍ଦିର ନିର୍ମାଣ କରିଥିଲେ। ଶ୍ୟାମ ବାବାଙ୍କ ନାମ ଓ ଜଗନ୍ନାଥଙ୍କ ନାକ ଗଢଣ ସୁନ୍ଦର ହୋଇଥିବାରୁ ମନ୍ଦିରର ନାମକରଣ ଶ୍ୟାମସୁନ୍ଦର କରାଯାଇଛି। ପ୍ରଭୁଙ୍କ ସେବା ନିମଂ' ଅନ୍ୟ ଅଞ୍ଚଳରୁ ବ୍ରାହ୍ମଣ ଓ ମାଳି ଜାତିର ଲୋକମାନଙ୍କୁ ଏଠାକୁ ଅଣାଯାଇ ଥଇଥାନ କରାଯାଇଥିଲା। ପର୍ବପର୍ବାଣି ଦିନମାନଙ୍କରେ ଏଠାରେ ଶ୍ରଦ୍ଧାଳୁଙ୍କ ଗହଳି ହୋଇଥାଏ। ପ୍ରଶାସନ ଓ ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ଏହି ପ୍ରାଚୀନ ମନ୍ଦିର ଆଜି ଅବହେଳିତ ଓ ଅଲୋଡା ହୋଇ ରହିଯାଇଛି। ମନ୍ଦିର ଟ୍ରଷ୍ଟ୍ ଦ୍ୱାରା ଏହାର ଦେଖାଶୁଣା ଓ ରକ୍ଷଣାବେକ୍ଷଣ କରାଯାଉଛି। ଏଠାରେ ଥିବା ଚନ୍ଦନ ପୁଷ୍କରିଣୀ ଦଳ ଓ ପଙ୍କରେ ଭର୍ତ୍ତି। ଶ୍ରଦ୍ଧାଳୁମାନେ ସ୍ନାନ କରିବା ପରିବର୍ତ୍ତେ ବିଧିରକ୍ଷା ପାଇଁ କେବଳ ଦେହରେ ପାଣି ଟିକେ ଛିଞ୍ଚି ହୋଇ ପଡୁଛି। ଟ୍ରଷ୍ଟର ସ୍ୱଳ୍ପ ଆୟରେ ମନ୍ଦିରର ବିକାଶ ସମ୍ଭବ ହୋଇ ପାରୁନାହିଁ। ଦୂରଦୂରା'ରୁ ଆସୁଥିବା ଶ୍ରଦ୍ଧାଳୁଙ୍କ ରାତ୍ରୀଯାପନ ପାଇଁ ଏଠାରେ ଯାତ୍ରୀନିବାସ କିମ୍ବା ଶୌଚାଳୟଟିଏ ନାହିଁ। ମନ୍ଦିର ଚତୁଃପାର୍ଶ୍ୱରେ ଫୁଲବଗିଚା ହେଲେ ଏହା ଭକ୍ତ ଓ ପର୍ଯ୍ୟଟକମାନଙ୍କୁ ଅଧିକ ଆକୃଷ୍ଟ କରିପାରନ୍ତା। ପୁରାତନ ମଠମନ୍ଦିରର ସୌନ୍ଦର୍ଯ୍ୟକରଣ କରୁଥିବା ରାଜ୍ୟ ସରକାର ଶ୍ୟାମସୁନ୍ଦର ମନ୍ଦିରର ବିକାଶ ପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

ରାଷ୍ଟ୍ରପତି ନିର୍ବାଚନରେ ସିପିଆଇ(ଏମ୍) ବିଧାୟକ ମିଳିତ ବିରୋଧୀ ଦଳର ପ୍ରାର୍ଥୀ ଯଶୋବନ୍ତ ସିହ୍ନାଙ୍କୁ ଭୋଟ ଦେବେ

ଭୁବନେଶ୍ୱର (ପିଏନ୍): ଦେଶର ୧୫ତମ ରାଷ୍ଟ୍ରପତି ନିର୍ବାଚନରେ ଏନଡିଏ ମନୋନିତ ପ୍ରାର୍ଥୀନୀ ଦ୍ରୌପଦି ମୁର୍ମୁ ଓଡିଶାର ଜଣେ ଆଦିବାସୀ ହୋଇଥିବାରୁ ତାଙ୍କୁ ସମର୍ଥନ କରିବାକୁ ଯାଇ ବିଜେଡି ପକ୍ଷରୁ ଓଡିଶାରେ ଦଳମତ ନିର୍ବିଶେଷରେ ସମସ୍ତ ରାଜନୈତିକ ଦଳର ବିଧାୟକଙ୍କୁ ଶ୍ରୀମତୀ ମୁର୍ମୁଙ୍କ ସପକ୍ଷରେ ଭୋଟ ଦେବାକୁ ନିବେଦନ କରିବା ହାସ୍ୟାସ୍ପଦ ଅଟେ। କାରଣ ଏଥିପୂର୍ବରୁ ଏନଡିଏ ପ୍ରାର୍ଥୀଙ୍କ ବିରୋଧରେ ବିରୋଧିଦଳଗୁଡିକ ପକ୍ଷରୁ ମହିଳା ଓ ଦଳିତ ନେତ୍ରୀ ମୀରା କୁମାରୀଙ୍କୁ ପ୍ରାର୍ଥୀନୀ କରାଯାଇଥିବାବେଳେ ବିଜେଡି ତାଙ୍କୁ ସମର୍ଥନ ନକରି ବିଜେପି ସମର୍ଥିତ ପ୍ରାର୍ଥୀଙ୍କୁ ସମର୍ଥନ କରିଥିଲେ। ସେତେବେଳେ ବିଜେଡି ମହିଳା ଓ ଦଳିତ ପ୍ରସଙ୍ଗକୁ ଏଡାଇ ଦେଇଥିଲା। କାରଣ ଶ୍ରୀମତୀ ମୁର୍ମୁ ଓଡିଶାର ଆଦିବାସୀ ମହିଳା ହୋଇଥିଲେ ହେଁ ରାଷ୍ଟ୍ରପତି ନିର୍ବାଚନ କୌଣସି ରାଜ୍ୟ ଓ ସଂପ୍ରଦାୟ ମଧ୍ୟରେ ହେଉନାହିଁ। ଦଳୀୟ ଚିହ୍ନ ରାଷ୍ଟ୍ରପତି ନିର୍ବାଚନରେ ବ୍ୟବହାର ହେଉନଥିଲେ ହେଁ ପ୍ରାର୍ଥୀ ମନୋନୟନ ରାଜନୈତିକ ସ୍ତରରୁ ହିଁ ହୋଇଥାଏ। ସେହି ଭିତ୍ତିରେ ବିଜେପି ନେତୃତ୍ୱରେ ଗଠିତ ଏନଡିଏର ପ୍ରାର୍ଥୀନୀ ଦ୍ରୋପଦୀ ମୁର୍ମୁ ଏବଂ ମିଳିତ ବିରୋଧିଦଳମାନଙ୍କର ପ୍ରାର୍ଥୀ ଭାବେ ଶ୍ରୀ ଯଶୋବନ୍ତ ସିହ୍ନାଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଛି।

ଚଳିତ ରାଷ୍ଟ୍ରପତି ନିର୍ବାଚନ ପରିଚିତି ଭିତ୍ତିରେ ନୁହେଁ, ଏ ନିର୍ବାଚନ ହେଉଛି ବିଜେପିର କର୍ପୋରେଟ୍ ସପକ୍ଷବାଦୀ ଆର୍ଥିକ ନୀତି ଓ ଏକଛତ୍ରବାଦ ହିନ୍ଦୁତ୍ୱ ସଂପ୍ରଦାୟିକତାବାଦ ବନାମ ଦେଶର ସମ୍ବିଧାନ, ଗଣତନ୍ତ୍ର, ମାନବିକ ଅଧିକାର ଓ ସାର୍ବଭୌମତ୍ୱର ସୁରକ୍ଷା ପାଇଁ ସଂଗ୍ରାମ। ରାଷ୍ଟ୍ରପତି ନିର୍ବାଚନ ହେଉଛି ଏକ ବିଚାରଗତ ଏବଂ ରାଜନୈତିକ ଲଢେଇ। ଓଡିଶାର ଶାସକ ଦଳ ବିଜେଡି ଏକଛତ୍ରବାଦୀ ହିନ୍ଦୁତ୍ୱ ସଂପ୍ରଦାୟିକତାବାଦ ଏବଂ କର୍ପୋରେଟ୍ ସପକ୍ଷରେ ନିଜର ଅବସ୍ଥାନ ଗ୍ରହଣ କରିଛି। ବିଜେଡିର ଏହି ଆଭିମୁଖ୍ୟ ବିଜେପିର ଗଣତନ୍ତ୍ର ବିରୋଧୀ ଓ ଏକଛତ୍ରବାଦୀ ଅଭିଯାନକୁ ଆହୁରି ତ୍ୱରାନ୍ୱିତ କରିବ। ଏଭଳି ସ୍ଥିତିରେ ବିଜେଡି ଏନ୍.ଡି.ଏ.ରେ ଯୋଗଦେଇ ନ ଥିଲେ ସୁଦ୍ଧା ରାଜ୍ୟରେ ବିଜେପିର ଅଘୋଷିତ ମିତ୍ର ରୂପେ କାର୍ଯ୍ୟ କରୁଛି। ପାର୍ଲାମେଣ୍ଟରେ ବିଜେପିର ସକଳ ଜନବିରୋଧୀ ନୀତି ଓ ଆଇନ୍ ପ୍ରଣୟନକୁ ସମର୍ଥନ କରୁଛି। ରାଜ୍ୟ ସ୍ୱାର୍ଥରକ୍ଷା କଥା କହୁଥିଲେ ହେଁ କେନ୍ଦ୍ର ବିଜେପି ସରକାରର ରାଜ୍ୟକୁ ଜିଏସ୍‌ଟି ପ୍ରାପ୍ୟ ପ୍ରଦାନରେ ଚରମ ଅବହେଳା, ରାଜ୍ୟମାନଙ୍କ ସ୍ୱାର୍ଥରେ ହସ୍ତକ୍ଷେପ ଆଦି ସକଳ ରାଜ୍ୟ ସ୍ୱାର୍ଥବିରୋଧୀ ବେଳେ ମଧ୍ୟ ନିରବ ରହିଛନ୍ତି। ରାଜନୈତିକ ସ୍ତରରେ ବିଜେପିର ହିନ୍ଦୁତ୍ୱବାଦୀ-ସଂପ୍ରଦାୟିକ ବିଭେଦକାରୀ ରାଜନିତୀକୁ ମୁକାବିଲା ନକରିବା ଯୋଗୁଁ ରାଜ୍ୟରେ ବିଜେପି ତା'ର ହିନ୍ଦୁତ୍ୱବାଦୀ ପ୍ରଚାର ଲଗାମହୀନ ଭାବେ ଚଳାଇଛି। ବିଜେଡି ଦଳ ଖୁବ୍ ଚତୁରତାର ସହ କେନ୍ଦ୍ର ବିଜେପିର ଆସ୍ଥାଭାଜନ ହୋଇ ଠିକଣା ସମୟରେ ସେମାନଙ୍କ ପକ୍ଷ ସମର୍ଥନ କରି ନିଜ ଆସନକୁ ସୁରକ୍ଷିତ କରି ଯଥାର୍ଥ ଭାବେ ଅଘୋଷିତ ମିତ୍ରର ଭୂମିକା ତୁଲାଉଛି।

ଏହି ପରିପ୍ରେକ୍ଷୀରେ ବିଜେପି ସମର୍ଥିତ ରାଷ୍ଟ୍ରପତି ପ୍ରାର୍ଥୀନୀଙ୍କୁ ସମର୍ଥନ କରିବା ଅର୍ଥ ହେଉଛି ବିଜେପିର ଦେଶ ବିଭାଜନକାରୀ ଓ ଜନବିରୋଧୀ କାର୍ଯ୍ୟକ୍ରମକୁ ସମର୍ଥନ କରିବା। ସେଥିଲାଗି ଏହି ବିଚାରଗତ ଓ ରାଜନୈତିକ ସଂଗ୍ରାମରେ ସିପିଆଇ (ଏମ୍) ବିଜେପି ବିରୋଧୀ ପକ୍ଷଙ୍କ ସମର୍ଥନରେ ହିଁ ରହିବ। ନୀତିଗତ ଭାବେ ଏନ୍.ଡି.ଏ. ମନୋନୀତ ବିଜେପି ପ୍ରାର୍ଥୀନୀଙ୍କୁ ପରାଜିତ କରିବା ପାଇଁ ଉଦ୍ୟମ ଜାରୀ ରଖିବ। ଏହି ପରିପ୍ରେକ୍ଷୀରେ ସିପିଆଇ(ଏମ୍)ର ବିଧାୟକ ଲକ୍ଷ୍ମଣ ମୁଣ୍ଡା ବିଜେପି ପ୍ରାର୍ଥୀନୀ ବିରୋଧରେ ମିଳିତ ବିରୋଧୀ ଦଳର ପ୍ରାର୍ଥୀ ଶ୍ରୀ ଯଶୋବନ୍ତ ସିହ୍ନାଙ୍କୁ ଭୋଟଦାନ କରିବେ ବୋଲି ସିପିଆଇ(ଏମ୍) ରାଜ୍ୟ ସମ୍ପାଦକ ଶ୍ରୀ ଅଳି କିଶୋର ପଟ୍ଟନାୟକ ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି।

ବୋଲ ମାନିଲାନି ବ୍ରହ୍ମତାଳଧ୍ୱଜ ରଥ: ୨୦୦ ମିଟର ଗଡି ମାଡିଗଲା ବାମ ପାର୍ଶ୍ୱକୁ, ଗୁଣ୍ଡିଚାର ଅଘଟଣ ବାହୁଡାରେ ପୁନରାବୃତ୍ତି

କେନ୍ଦ୍ରାପଡ଼ା (ପିଏନ୍): ବୋଲ ମାନିଲାନି ଶ୍ରୀବଳଦେବଜୀୟୁଙ୍କ ବ୍ରହ୍ମ ତଳଧ୍ୱଜ ରଥ। ରବିବାର ଅପରାହ୍ନରେ ମାଉସୀ ମା'ଙ୍କ ମନ୍ଦିର ନିକଟରୁ ରଥଟଣା ଆରମ୍ଭ ହୋଇଥିଲା। କିନ୍ତୁ ରଥ ମାତ୍ର ୨୦୦ ମିଟର ଗଡିବା ପରେ ବାମ ପାର୍ଶ୍ୱକୁ ମାଡି ଯାଇଥିଲା। ଫଳରେ ରଥ ଆଉ ଆଗେଇ ପାରି ନ ଥିଲା। ରେଳବାଇ ପକ୍ଷରୁ ଆସିଥିବା ହାଇଡ୍ରୋଲିକ ଜଗ ଦ୍ୱାରା ରଥକୁ ସଠିକ ଦିଗକୁ ଅଣାଯାଇଥିଲା। ରଥ ଟାଣିବା ପାଇଁ ରବିବାର ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିରହିଥିଲା। ରବିବାର ଛୁଟିଦିନ ଥିବାରୁ ଭକ୍ତମାନେ ବହୁ ଅଧିକ ସଂଖ୍ୟାରେ ଉପସ୍ଥିତ ଥିଲେ। ଭକ୍ତମାନେ ଆବେଗର ସହ ରଥ ଟାଣିବା ପାଇଁ ପ୍ରସ୍ତୁତ ହୋଇଥିଲେ। ରବିବାର ସକାଳୁ ରଥ ଦାଣ୍ଡରେ ଧିରେ ଧିରେ ଭିଡ଼ ଜମିବା ଦେଖା ଯାଇଥିଲା। ଅପରାହ୍ନ ୩ଟା ବେଳକୁ ରଥଦାଣ୍ଡର ସିଂହଦ୍ୱାରରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଭକ୍ତଙ୍କ ଗହଳି ଲାଗି ରହିଥିଲା। ଭକ୍ତମାନେ ଆଶା କରିଥିଲେ ରବିବାର ରଥ ଶ୍ରୀଜୀୟୁଙ୍କ ସିଂହଦ୍ୱାରରେ ଲାଗିଯିବ। କିନ୍ତୁ ତାହା ହେଲା ନାହିଁ। ବ୍ରହ୍ମତାଳଧ୍ୱଜ ରଥ ମାତ୍ର ୨୦୦ ମିଟର ଗଡିବା ପରେ ବାମ ପାର୍ଶ୍ୱକୁ ମାଡିଯାଇଥିଲା। ରଥକୁ ପୁଣି ସଠିକ ଦିଗକୁ ଆଣିବା ପାଇଁ ଦୁଇ ଘଣ୍ଟା ସମୟ ଲାଗିଥିଲା। ସେତେବେଳକୁ ସୂର୍ଯ୍ୟ ଅସ୍ତଗାମୀ ହୋଇ ସାରିଥିଲେ। ରଥ ସଠିକ ଦିଗକୁ ଆସିବା ପରେ ରଥ ଟାଣିବା ପାଇଁ ପ୍ରଶାସନ ତତ୍ପର ହୋଇଥିଲେ ବି ତାହା ସମ୍ଭବ ହୋଇନଥିଲା। କିନ୍ତୁ ସେବାୟତମାନେ ପ୍ରଶାସନର ଏଭଳି କଥାକୁ ମାନି ନ ଥିଲେ। ସେବାୟତମାନେ କହିଥିଲେ ସୂର୍ଯ୍ୟାସ୍ତ ପରେ ରଥ ଆଉ ଟଣାଯିବାର ବିଧି ନାହିଁ। ପୁଣି ସୂର୍ଯ୍ୟ ଉଦୟ ହେଲେ ରଥ ଟଣା ହେବ। ଏହାକୁ ନେଇ ପ୍ରଶାସନିକ ଅଧିକାରୀ ଓ ସେବାୟତମାନଙ୍କ ମଧ୍ୟରେ ଯୁକ୍ତିତର୍କ ଲାଗି ରହିଥିଲା। ରଥ ପାଦେ ଆଗକୁ ଗଡିବ ନାହିଁ ବୋଲି ସେବାୟତମାନେ କହିଥିଲେ। ରଥ ଯଥା ଶୀଘ୍ର ଗଡି ସିଂହଦ୍ୱାରରେ ଲାଗିଲେ ଅନ୍ୟାନ୍ୟ ନୀତି ସମ୍ପନ୍ନ ହେବ ବୋଲି ପ୍ରଶାସନ କହିଥିଲା। ପରନ୍ତୁ ପ୍ରଶାସନର କଥାକୁ ସେବାୟତମାନେ ମାନି ନ ଥିଲେ। ଶେଷରେ ପ୍ରଶାସନର ସ୍ୱର ନୀରବି ଯାଇଥିଲା। ରଥ ଗୋଟିଏ ପାଦ ମଧ୍ୟ ଆଗକୁ ଗଡି ନ ଥିଲା। ବ୍ରହ୍ମତାଳଧ୍ୱଜ ରଥ ବୋଲ ନ ମାନିବାର ବିଭିନ୍ନ କାରଣ ରହିଛି ବୋଲି ଭକ୍ତ ଓ ଶ୍ରଦ୍ଧାଳୁମାନେ କହିଛନ୍ତି। ସେମାନେ କହିଛନ୍ତି ଯାହାଙ୍କର ରଥ ଚାଳନା କରିବାର ଦୀର୍ଘ ଅଭିଜ୍ଞତା ରହିଛି ତାଙ୍କୁ ରଥ ଚାଳନା ଦାୟିତ୍ୱ ଦିଆଯାଉନାହିଁ। ଅନ୍ୟପକ୍ଷରେ ପ୍ରଶାସନର ଅନଭିଜ୍ଞତା ଓ ଅପାରଗତା ଏଥିପାଇଁ ଅନେକାଂଶରେ ଦାୟୀ ବୋଲି ଭକ୍ତ ଓ ଶ୍ରଦ୍ଧାଳୁମାନେ କହିଛନ୍ତି। ଶ୍ରୀଗୁଣ୍ଡିଚା ସମୟରେ ଯେପରି ହୋଇଥିଲା ବାହୁଡ଼ା ସମୟରେ ମଧ୍ୟ ସେହିପରି ହେଲା। ସୂଚନା ଥାଉକି ଗୁଣ୍ଡିଚା ଯାତ୍ରାର ଦ୍ୱିତୀୟ ଦିନରେ ମାଉସୀ ମା ମନ୍ଦିର ଯିବା ଅଭିମୁଖେ ବ୍ରହ୍ମତାଳଧ୍ୱଜ ରଥ ଫୁଟପାଥ ଉପରକୁ ମାଡି ଯାଇଥିଲା। ଫଳରେ ରଥଟଣା ବନ୍ଦ ହୋଇଯାଇଥିଲା। ପାରାଦୀପରୁ ରେଳ ବିଭାଗର ଯନ୍ତ୍ରୀ ଆସିଲେ। ଏଥିସହ ବିଭାଗର ହାଇଡ୍ରୋଲିକ ଜଗ ଆସିଲା। ବହୁ କଷ୍ଟରେ ରାତି ୨ ଟାରେ ରଥ ସଠିକ ଦିଗକୁ ଆସିଲା। ଚତୁର୍ଥ ଦିନ ବ୍ରହ୍ମ ତାଳଧ୍ୱଜ ଟଣା ହୋଇଥିଲା। ଆଶା କରାଯାଉଥିଲା ବାହୁଡାରେ ର

କଟକ- ଚାନ୍ଦବାଲି ରାଜ୍ୟ ରାଜପଥର କଟକ- ଚାନ୍ଦବାଲି ରାଜ୍ୟ ରାଜପଥର ଗୁଲନଗର ପୋଲ ଉପରେ ବିରାଟ ଖାଲ

କେନ୍ଦ୍ରାପଡ଼ା,୧୨।୭ : କଟକ-ଚାନ୍ଦବାଲି ରାଜ୍ୟ ରାଜପଥର ଗୁଲନଗର ପୋଲ ଉପରେ ଏକ ବିରାଟ ଖାଲ ସୃଷ୍ଟି ହୋଇଛି । ଫଳରେ ସେହି ରାସ୍ତାରେ ଦୈନିକ ଯାତାୟତ କରୁଥିବା ବାଇକ ଆରୋହୀଙ୍କ ସମେତ ଅନ୍ୟ ଗାଡିଚାଳକମାନେ ଦୂର୍ଘଟଣାର ସମ୍ମୁଖୀନ ହୋଇ ଧନଜୀବନ କ୍ଷୟକ୍ଷତି ହେଉଥିବା ସ୍ଥାନୀୟ ଗୁଲନଗର ଗ୍ରାମ ପଞ୍ଚାୟତବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି । ଦୈନିକ ହଜାର ହଜାର ସଂଖ୍ୟାରେ ବସ, ଟ୍ରକ, ଜିପ, କାର, ଅଟୋରିକ୍ସା, ବାଇକ, ସ୍କୁଟି ପ୍ରଭୃତି ଗାଡି ଗୁଡିକ ସେହି ରାସ୍ତା ଦେଇ ବିଭିନ୍ନ ସ୍ଥାନକୁ ଯାତାୟତ କରିଥାନ୍ତି । ସେହି ରାସ୍ତା ଦେଇ ଯିବା ସମୟରେ ଗାଡି ଗୁଡିକ ସେହି ଖାଲରେ ପଡି ଦୂର୍ଘଟଣାର ସମ୍ମୁଖୀନ ହୋଇଥାନ୍ତି । ଏସମ୍ପର୍କରେ ବାରମ୍ବାର ଅଭିଯୋଗ ପରେବି ସଂପୃକ୍ତ ବିଭାଗ ସବୁ ଜାଣି ନୀରବ ଦ୍ରଷ୍ଟା ସାଜିଥିବା ଅଭିଯୋଗ ହୋଇଛି । ତେଣୁ ତୁରନ୍ତ କଟକ-ଚାନ୍ଦବାଲି ରାସ୍ତାର ସେହି ଖାଲକୁ ମରାମତି କରାଯିବାକୁ ଗ୍ରାମବାସୀଙ୍କ ପକ୍ଷରୁ ପ୍ରକାଶ କୁମାର ନାୟକ, ଲକ୍ଷ୍ମୀକାନ୍ତ ନାୟକ, ନିରଞ୍ଜନ ନାୟକ, ମନୋରଞ୍ଜନ ସାହୁ ପ୍ରମୁଖ ଜିଲ୍ଲା ପ୍ରଶାସନ ନିକଟରେ ଦାବି କରିଛନ୍ତି । ଗୁଲନଗର ପୋଲ ଉପରେ ବିରାଟ ଖାଲ କେନ୍ଦ୍ରାପଡ଼ା , : କଟକ-ଚାନ୍ଦବାଲି ରାଜ୍ୟ ରାଜପଥର ଗୁଲନଗର ପୋଲ ଉପରେ ଏକ ବିରାଟ ଖାଲ ସୃଷ୍ଟି ହୋଇଛି । ଫଳରେ ସେହି ରାସ୍ତାରେ ଦୈନିକ ଯାତାୟତ କରୁଥିବା ବାଇକ ଆରୋହୀଙ୍କ ସମେତ ଅନ୍ୟ ଗାଡିଚାଳକମାନେ ଦୂର୍ଘଟଣାର ସମ୍ମୁଖୀନ ହୋଇ ଧନଜୀବନ କ୍ଷୟକ୍ଷତି ହେଉଥିବା ସ୍ଥାନୀୟ ଗୁଲନଗର ଗ୍ରାମ ପଞ୍ଚାୟତବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି । ଦୈନିକ ହଜାର ହଜାର ସଂଖ୍ୟାରେ ବସ, ଟ୍ରକ, ଜିପ, କାର, ଅଟୋରିକ୍ସା, ବାଇକ, ସ୍କୁଟି ପ୍ରଭୃତି ଗାଡି ଗୁଡିକ ସେହି ରାସ୍ତା ଦେଇ ବିଭିନ୍ନ ସ୍ଥାନକୁ ଯାତାୟତ କରିଥାନ୍ତି । ସେହି ରାସ୍ତା ଦେଇ ଯିବା ସମୟରେ ଗାଡି ଗୁଡିକ ସେହି ଖାଲରେ ପଡି ଦୂର୍ଘଟଣାର ସମ୍ମୁଖୀନ ହୋଇଥାନ୍ତି । ଏସମ୍ପର୍କରେ ବାରମ୍ବାର ଅଭିଯୋଗ ପରେବି ସଂପୃକ୍ତ ବିଭାଗ ସବୁ ଜାଣି ନୀରବ ଦ୍ରଷ୍ଟା ସାଜିଥିବା ଅଭିଯୋଗ ହୋଇଛି । ତେଣୁ ତୁରନ୍ତ କଟକ-ଚାନ୍ଦବାଲି ରାସ୍ତାର ସେହି ଖାଲକୁ ମରାମତି କରାଯିବାକୁ ଗ୍ରାମବାସୀଙ୍କ ପକ୍ଷରୁ ପ୍ରକାଶ କୁମାର

ଆଇନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ରଥଯାତ୍ରା ଦ୍ୱିତୀୟ ସମନ୍ୱୟ ବୈଠକ ଅନୁଷ୍ଠିତ

ପୁରୀ, (ପି.ଏନ): ଆଇନମନ୍ତ୍ରୀ ପ୍ରତାପ ଜେନାଙ୍କ ଅଧ୍ୟକ୍ଷତାରେ ବୁଧବାର ପୂର୍ବାହ୍ନରେ ସ୍ଥାନୀୟ ଟାଉନହଲ ଠାରେ ରଥଯାତ୍ରା ଦ୍ୱିତୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଶାନ୍ତିଶୃଙ୍ଖଳା ସହ ରଥଯାତ୍ରା ସମାପନ କରିବା ପାଇଁ ମନ୍ତ୍ରୀ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ । ପୂର୍ବାହ୍ନ ୧୧ଟାରୁ ଦିନ ୨ଟା ପର୍ଯ୍ୟନ୍ତ ବୈଠକ ଚାଲିଥିବା ବେଳେ ତିନିଥର ବିଦ୍ୟୁତକାଟ୍ ଯୋଗୁଁ ବିଦ୍ୟୁତ୍ ବିଭାଗ ପ୍ରତି ଗୃହର ସଭ୍ୟମାନେ ଅଙ୍ଗୁଳି ନିର୍ଦ୍ଦେଶ କରିଥଲେ । ବିଦ୍ୟୁତ୍ ବିଭାଗର ବେପରୁଆ କାର୍ଯ୍ୟକଳାପ ଯୋଗୁଁ ସାହି ବାସିନ୍ଦାମାନେ ଅତିଷ୍ଠ ହୋଇପଡ଼ିଛନ୍ତି ବୋଲି ସଭ୍ୟମାନେ କହିଛନ୍ତି । ଶ୍ରୀମନ୍ଦିର ପ୍ରଶାସନର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ ରଥକାଠ ଯୋଗାଣ ସମ୍ପର୍କରେ ସୂଚନା ଦେଇ କହିଲେ ପଥୁରିଆ ସ-ମିଲ ଓ ରଥଖଳାରେ ପ୍ରାୟ କାଠ ପହଞ୍ଚି ସାରିଲାଣି । ଆଉ ଅଳ୍ପ କିଛି କାଠ ଆବଶ୍ୟକ ଅନୁସାରେ ପହଞ୍ଚିବ । ରଥ ନିର୍ମାଣ ସମ୍ପର୍କରେ କହିଲେ ରଥର ଚକ କାମ ଓ ଦଣ୍ଡାକାମ ସରି ଚାରି ନାହାକା ଉଠିବା ପାଇଁ କାର୍ଯ୍ୟ ଚାଲିଛି । ରଥକନା,ରଥଦଉଡ଼ି ଓ ଅନ୍ୟାନ୍ୟ ସାମଗ୍ରୀ ପ୍ରାୟ ପହଞ୍ଚି ଗଲାଣି । ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନୀତି ନିର୍ଘଂଟ ବୃତ୍ତାନ୍ତ ଅବସ୍ଥାରେ ରହିଛି । ସିଡ଼ିଏମଓ ଡ଼ାକ୍ତର ସୁଜାତା ମିଶ୍ର ସ୍ୱାସ୍ଥ୍ୟ ସେବା ସମ୍ପର୍କରେ ସୂଚନା ଦେବାବେଳେ ଡ଼ାକ୍ତର ଓ ମେଡ଼ିକାଲର ଚିକିତ୍ସା ଅଭାବକୁ ନେଇ ସଭ୍ୟମାନେ ପ୍ରବଳ ହଟ୍ଟଗୋଳ କରିଥିଲେ । ଆନୁସଙ୍ଗିକ ସୁବିଧା ମୁଖ୍ୟ ଚିକିତ୍ସାଳୟରେ ନଥିବାରୁ କିପରି ଯାତ୍ରୀମାନଙ୍କୁ ସୁବିଧା ଯୋଗାଇବେ ତାକୁ ନେଇ ସଭ୍ୟମାନେ ପାଟିତୁଣ୍ଡ କରିଥିଲେ । ମେଡ଼ିକାଲ ଷ୍ଟାପ ଯୋଗାଣ, ଅମ୍ବୁଲାନ୍ସ, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଷ୍ଟ୍ରେଚର,ଖାଦ୍ୟ ତନଖି ଦଳ ଓ ଦଣ୍ଡିସ ନିରାକରଣ ଉପରେ ସୂଚନା ପ୍ରଦାନ କରିଥିଲେ । ପାନୀୟ ଜଳଯୋଗଣ ସମ୍ପର୍କରେ ସୂଚନା ଦେଇ ୱାଟକୋ ମ୍ୟାନେଜର ଶରତ ମିଶ୍ର କହିଲେ ୨୪ ଘଂଟିଆ ପାଣି ଜଳ ଯୋଗାଣ ପାଇଁ ସମସ୍ତ ବ୍ୟବସ୍ଥା ହୋଇଛି । ସେବାୟତଙ୍କ ଆବଶ୍ୟକତା ଅନୁଯାୟୀ ଅନେକ ନୀତି ଅନୁସାରେ ଭୋରୁ ଜଳଯୋଗାଣ କରାଯିବ । ବଡ଼ଦାଣ୍ଡ ସମେତ ସାହି ଗଳି କନ୍ଦିରେ ପାନୀୟଜଳ ଯୋଗାଇ ଦିଆଯିବ । ସାହି ମାନଙ୍କରେ ଥିବା ଖୋଳା କୂପ ଓ ହ୍ୟାଣ୍ଡ ପମ୍ପ, ଷ୍ଟାଣ୍ଡ ପମ୍ପ, ନଳକୂପ, ଓଭରହେଡ଼ ଟ୍ୟାଙ୍କ ଗୁଡ଼ିକ ସଫା କରାଯାଇ କାର୍ଯ୍ୟକ୍ଷମ କରାଯିବ । ପୁରୀସହର ବାଦ ଆଖପାଖ ଅଞ୍ଚଳରେ ପାନୀୟଜଳ ବ୍ୟବସ୍ଥାକୁ ଦୃଢି କରଣ କରାଯିବ । ପରିବହନ ବ୍ୟବସ୍ଥା ଉପରେ ଆରଟିଓ ସୂଚନା ଦେବାବେଳେ ବସଭଡ଼ାକୁ ନେଇ ପ୍ରବଳ ପାଟିତୁଣ୍ଡ ହୋଇଥିଲା । ରଥଯାତ୍ରା ସମୟରେ ସିଟ୍‌ରେ ବସିଲେ ୨ଶହ ଓ ଠିଆହେଲେ ୧୫୦ଟଙ୍କା ଦେବାକୁ ହେଉଥିବା ଦାବି ସମ୍ପର୍କରେ ଅନେକ ସଭ୍ୟ ମତ ଦେଇଥିଲେ । ରଥଯାତ୍ରା ସମୟରେ ଅଧିକ ଟ୍ରେନ ଚଳାଚଳ କରିବା ସହ ସ୍ନାନପୂର୍ଣ୍ଣମାରେ ଭକ୍ତଙ୍କ ସ୍ଥିତିକୁ ଦେଖି ଭକ୍ତ ଆକଳନ କରାଯିବ । ସୁରକ୍ଷା ପାଇଁ ଅଧିକ ସଂଖ୍ୟକ ଜଆରପ ଓ ଆରପଏଫ ମୁତୟନ ହେବେ । ଜାତୀୟ ରାଜପଥ ମରାମତି ସହ ବଡ଼ଦାଣ୍ଡ ମରାମତି ଉପରେ ଆଲୋଚନା ହୋଇଥିଲା । ପୂର୍ତବିଭାଗ ଅଧିନରେ ଥିବା ରାସ୍ତାଗୁଡ଼ିକ ମରାମତି କରାଯିବ । ବଡ଼ଦାଣ୍ଡରେ ବ୍ୟାରିକେଟ ନିର୍ମାଣ, ଶରଧାବାଲିରେ ବାଲି ପକାଇବା ଓ ଦକ୍ଷିଣମୋଡ଼ରେ ବାଲି ପକାଇବା ସମ୍ପର୍କରେ ଆଲୋଚନା ହୋଇଥିଲା । ପରିମଳ କ୍ଷେତ୍ରରେ ପୌରସଂସ୍ଥା ଫେଲ ମାରିଥିବାରୁ ଅଧିକାଂଶ ସଭ୍ୟ ପ୍ରବଳ ହୋ-ହଲ୍ଲା କରିଥିଲେ । ସାହି ଗଳିକନ୍ଦି ଗୁଡ଼ିକ ସଫେଇ ହୋଇ ନଥିବାରୁ ସଭ୍ୟ ଓ ସେବାୟତମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ । ଏହାସହ ଶାନ୍ତିଶୃଙ୍ଖଳା ରକ୍ଷା ସମ୍ପର୍କରେ ଏଡ଼ିଜି ରାଧାକୃଷ୍ଣା ଶାର୍ମା ,କେନ୍ଦ୍ରାଞ୍ଚଳ ଆଇଜି ନରସିଂହ ଭୋଳ,ଏସପି କେ. ବିଶାଲ ସିଂହ ପୋଲିସ ବ୍ୟବସ୍ଥା ଉପର ମତ ଦେଇଥିଲେ । ଏହାସହ ଡ୍ରେନେଜ,ସ୍ୱେରେଜ,ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ,ଟେଲିଫୋନ ସେବା,ଅଗ୍ନିଶମ ସେବା, ସୂଚନା ଓ ପ୍ରସାରଣ,ପର୍ଯ୍ୟଟନ,ପ୍ରଦର୍ଶନୀ,ସ୍ୱେଚ୍ଛସେବୀ କାର୍ଯ୍ୟକ୍ରମ ଓ ଅସୁରକ୍ଷିତ କୋଠା ସମ୍ପର୍କରେ ଆଲୋଚନା ହୋଇଥିଲା । ଏହି ବୈଠକରେ ମନ୍ତ୍ରୀ ତୁଷାରକାନ୍ତି ବେହେରା,ରଘୁନନ୍ଦନ ଦାଶ, ଦିବ୍ୟଶଙ୍କର ମିଶ୍ର, ରାଜ୍ୟ ଯୋଜନାବୋର୍ଡ଼ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା, ଜିଲ୍ଲାପରିଷଦ ଅଧ୍ୟକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ,ପୁରୀ ବିଧାୟକ ଜୟନ୍ତକୁମାର ଷଡ଼ଙ୍ଗୀ, ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ପୁରୀ ସାଂସଦଙ୍କ ପ୍ରତିନିଧି ଗୌରହରି ପ୍ରଧାନ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ, ଆରଡ଼ିସ ସୁରେଶଚନ୍ଦ୍ର ଦଳାଇ, ଜିଲ୍ଲାପାଳ ସମର୍ଥ ବର୍ମା ଓ ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ, ସ୍ୱତନ୍ତ୍ର ସଚିବ ମନୋଜ ମିଶ୍ର, ସନୋଷ ବାଲା, ଦେବୋତର କମିଶନର ଶିଶିର ରଥ, ଆଇନ ବିଭାଗ ପ୍ରମୁଖ ସଚିବ ପ୍ରତାପ କୁମାର ପାତ୍ର ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ସେବାୟତ,ବୁଦ୍ଧିଜୀବୀ,ବିଭିନ୍ନ ବିଭାଗୀୟ ଅଧିକାରୀ,ସ୍ୱେଚ୍ଛାସେବୀ, ସାମ୍ବାଦିକ ପ୍ରମୁଖଯୋଗ ଦେଇଥିଲେ ।

ହାଇଦ୍ରାବାଦରେ ଦାଦନ ଶ୍ରମିକଙ୍କ ମୃତ୍ୟୁ, ଥାନାରେ ମାମଲା

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲାରେ ପୁଣି ଜଣେ ଦାଦନ ଶ୍ରମିକଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ଏନେଇ ମୃତ ଦାଦନ ଶ୍ରମିକଙ୍କ ଭାଇ ଖଡିଆଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ସୂଚନାମତେ ଖଡିଆଳ ବ୍ଲକ ରାଣିମୁଣ୍ଡା ଗ୍ରାମର ମନୋଜ ହିଆଲ ନାମକ ଯୁବକ ଚଳିତ ମାସ ୫ ତାରିଖ ଦିନ ହଇଦ୍ରାବାଦକୁ ଦାଦନ ଖଟିବାକୁ ବାହାରିଥିଲେ । ସେ ଗତ ୭ ତାରିଖ ଦିନ ହାଇଦ୍ରାବାଦର ଇନ୍ଦ୍ରମପାଟନମ ଥାନା ସ୍ଥିତ ପିତୁଲା ଗ୍ରାମରେ ଥିବା ଇଟାଭାଟିରେ ପହଂଚିଥିଲେ । ଦାଦନ ମାଲିକ ଏଙ୍କେଟେସ ମନୋଜ ହିଆଲଙ୍କୁ ପ୍ରଥମେ ଟ୍ରେନରେ ଟିକେଟ କାଟି ଦେଇ ପହଂଚିଲା ପରେ ୬୦ ହଜାର ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଥିଲେ । ହେଲେ ମନୋଜ ପହଂଚିବା ପରେ କାମ କରିବାକୁ କହିଥିଲେ । ଟଙ୍କା କଥା କହିବାରୁ କିଛି ଦିନ ପରେ ଦିଆଯିବ ବୋଲି କହିଥିଲେ । କିନ୍ତୁ ଗତକାଲି ମନୋଜ କାମ କରିବା ପରେ ଅସୁସ୍ଥ ଅନୁଭବ କରିଥିଲେ । ସାଥି ମାନେ ଏନେଇ ମାଲିକଙ୍କୁ ମଧ୍ୟ ଖବର ଦେଇଥିଲେ । କିନ୍ତୁ ମାଲିକ କୌଣସି ଗୁରୁତ୍ୱ ଦେଇନଥିଲେ । ଶେଷରେ ଗ୍ରାମରୁ ମନୋଜଙ୍କ ଭାଇ ତୁକାରାମ ହିଆଲ ମାଲିକ ଏଙ୍କେଟେସଙ୍କୁ ଫୋନ କରି ଭାଇର ଦେହ ଖରାପ ଥିବା କହି ଡାକ୍ତରଖାନା ନେବାକୁ କହିଥିଲେ । ଶେଷରେ ଗତରାତ୍ରୀରେ ଡାକ୍ତରଖାନାକୁ ନେବା ବେଳକୁ ତାଙ୍କର ମୃତ୍ୟୁ ହୋଇ ସାରିଥିଲା । ଏନେଇ ମନୋଜଙ୍କ ଭାଇ ତୁକାରାମ ହିଆଲ ମାଲିକ ଏଙ୍କେଟେସଙ୍କ ବିରୁଦ୍ଧରେ ଖଡିଆଳ ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି । ଏଠାରେ ସୂଚନା ଯୋଗ୍ୟ ଯେ ନୂଆପଡା ଜିଲାରେ ଦାଦନ ସମସ୍ୟାର ଅନ୍ତ ଘଟୁନାହିଁ । ଜିଲାର ପ୍ରତି ପ୍ରାନ୍ତରୁ ଦାଦନ ସମସ୍ୟା ଦେଖାଦେଇଛି । ଏଠାକାର ଶ୍ରମିକ ଦାଦନ ଖଟିଯାଇ ଅନେକ ସମୟରେ ଅକଥନୀୟ ନିତ୍ୟାତନା ଭୋଗ କରୁଥିବା ସ୍ଥଳେ ଦାଦନ ସମସ୍ୟାର ସମସ୍ୟାର ସମାଧାନ ହୋଇ ପାରୁନାହିଁ । ସରକାର ଦାଦନ ରୋକିବା ସକାଶେ ଅନେକ ଯୋଜନା କାର୍ଯ୍ୟକାରୀ କରିଥିବା ସ୍ଥଳେ ତାର ସମାଧାନ ହୋଇ ପାରୁନାହିଁ । ଫଳରେ ଏଠାକାର ଲୋକେ ଅଧିକ ଅର୍ଥ ଲାଲସାରେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ଅକାରଣରେ ସେମାନଙ୍କ ଜୀବନ ଚାଲି ଯାଉଥିବା ଭଳି ଘଟଣା ଅନେକ ସମୟରେ ଘଟୁଅଛି । ଜିଲ୍ଲା ପ୍ରଶାସନ ସହ ରାଜ୍ୟ ସରକାର ତୁରନ୍ତ ଦୃଷ୍ଟି ଦେଇ ଦାଦନ ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବୀ ହେଉଛି ।

ନିରୁଦ୍ଧିଷ୍ଟ ଶ୍ରମିକଙ୍କୁ ଉଦ୍ଧାର ଦାବୀରେ ଦଳିତ ଅଧିକାର ମଂଚର ଥାନାଧିକାରୀଙ୍କୁ ଦାବୀପତ୍ର ପ୍ରଦାନ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଦଳିତ ଅଧିକାର ମଂଚ ପକ୍ଷରୁ ନିରୁଦ୍ଧିଷ୍ଟ ଦାଦନ ଶ୍ରମିକ କିଶୋର ବନଛୋରଙ୍କୁ ଉଦ୍ଧାର ଦାବୀରେ ବୋଡେନ ଥାନାଧିକାରୀଙ୍କୁ ୫ ଦଫା ଦାବୀପତ୍ର ପ୍ରଦାନ କରାଯାଇ ତାଙ୍କୁ ଉଦ୍ଧାର କରିବାକୁ ଦାବୀ କରିଛନ୍ତି । ସୂଚନାମତେ ବୋଡେନ ଥାନା ଅନ୍ତର୍ଗତ ଆମଗୁଡା ଗ୍ରାମର କିଶୋର ବନଛୋର ୨୦୧୯ ମସିହା ମାର୍ଚ୍ଚ ମାସରେ ସିକନ୍ଦରାବାଦକୁ ଦାଦନ ଖଟିବାକୁ ଯାଇଥିଲେ । ତାଙ୍କୁ ସ୍ଥାନୀୟ ବିନୋପୁର ଗ୍ରାମର ଅରୁପ ନିଆଲ ଏବଂ କଂଟାବାଞ୍ଜିର ପାର୍ଥବ ବେହେରା ପଠାଇଥିବା ନେଇ କିଶୋରଙ୍କ ପତ୍ନୀ କୁଳ ବନଛୋର ଜଣାଇଛନ୍ତି । ଏନେଇ ଗତ ୨୧.୮.୨୦୨୦ ରେ କୁଳ ବନଛୋର ତାଙ୍କ ସ୍ୱାମୀ ନିଖୋଜ ଥିବା ନେଇ ବୋଡେନ ଥାନାରେ ଲିଖିତ ଅଭିଯୋଗ କରି ତାଙ୍କ ସ୍ୱାମୀଙ୍କୁ ଉଦ୍ଧାର କରିବାକୁ ଦାବୀ କରିଥିଲେ । ହେଲେ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇନଥିବା ଜଣାପଡିଛି । ଏନେଇ ନୂଆପଡା ଜିଲ୍ଲା ଦଳିତ ଅଧିକାର ମଂଚର ସଭାପତି କମଳ ଚରଣ ତାଣ୍ଡି ଖବର ପାଇ ମଂଚର କର୍ମକର୍ତା ବୋଡେନ ଥାନାଧିକାରୀଙ୍କୁ ଭେଟି ୫ ଦଫା ଦାବୀପତ୍ର ପ୍ରଦାନ କରି ତୁରନ୍ତ କିଶୋରଙ୍କୁ ଉଦ୍ଧାର କରିବାକୁ ଦାବୀ କରିଛନ୍ତି । ଦାବୀରେ କୁଳ ବନଛୋରଙ୍କ ଏତଲା ଆଧାରରେ ଅରୁପ ନିଆଲ ଓ ପାର୍ଥ ବେହେରାଙ୍କୁ ଥାନାକୁ ଡାକି ସତ୍ୟାସତ୍ୟ ଅନୁସନ୍ଧାନ କରିବା, ଏହି ୨ ଜଣ ସନ୍ତୋଷଜନକ ଉତର ନଦେଲେ ସେମାନଙ୍କୁ ଗିରଫ କରିବା, ପୀଡିତ ପରିବାରଙ୍କୁ ୩ ଲକ୍ଷ ଟଙ୍କା ଆର୍ଥୀକ ସହାୟତା ପ୍ରଦାନ କରିବା, କିଶୋରଙ୍କ ସନ୍ଧାନ ନିମନ୍ତେ ଏକ ତଦନ୍ତକାରୀ ଟିମ ଗଠନ କରିବା, ପ୍ରଶାସନ ତରଫରୁ ପରିବାରଙ୍କୁ ରାସନ ସାମଗ୍ରୀ ପ୍ରଦାନ ପ୍ରମୁଖ ଦାବୀ କରିଛନ୍ତି । ଯଦି ଏସବୁ ସମସ୍ୟାର ସମାଧାନ କରାନଯାଏ ତେବେ ଆଗାମୀ ଦିନରେ ବୋଡେନ ଥାନାକୁ ଘେରାଉ କରିବା ସହ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି । ଏହି ଦାବୀପତ୍ର ପ୍ରଦାନ ବେଳେ ଦଳିତ ଅଧିକାର ମଂଚର ଜିଲ୍ଲା ସଭାପତିଙ୍କ ସହ ବୋଡେନ ବ୍ଲକ ସଭାପତି ବେଣୁଧର ଜଗତ, ବିଶ୍ୱ ବେହେରା, କାର୍ତିକ ମହାନନ୍ଦ, ଗଣେଷ ବାଗ, ସଞ୍ଜୟ ଜାଲ, ଲମ୍ବୋଦର ତାଣ୍ଡି ପ୍ରମୁଖ ଯୋଗ ଦେଇଥିଲେ ।

ମନ୍ତ୍ରୀଙ୍କୁ ଦେଖି ତାତିଲେ କଂଗ୍ରେସକର୍ମୀ, ସତ୍ୟବାଦୀ ବିଧାୟକଙ୍କୁ କାଳିମାଡ଼

ପୁରୀ, (ପି.ଏନ): ରଥଯାତ୍ରା ବୈଠକରେ ଅନେକ ମନ୍ତ୍ରୀ ଓ ବିଧାୟକ ଯୋଗ ଦେବାପାଇଁ ଆସିଥିଲେ । ଏହାର ସୁଯୋଗ ନେଇ ଛାତ୍ର ଓ ଯୁବ କଂଗ୍ରେସର ନେତାମାନେ ଟାଉନହଲ ଛକରେ ବିକ୍ଷୋଭ ପ୍ରଦର୍ଶନ କରିବାରୁ ପୋଲିସ ସେମାନଙ୍କୁ ଅଟକ ରଖିଥିଲା । ଏହାସହ ଭିଆଇପି ରୋଡ଼ରେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ କାରରେ ଆସୁଥିବା ସମୟରେ ହଠାତ୍ ଯୁବକଂଗ୍ରେସ କର୍ମୀମାନେ କାର ଉପରକୁ କାଳିମାଡ଼ କରିବା ସହ ଘେରି ଯିବାରୁ ପୋଲିସ ସେମାନଙ୍କୁ ସେଠାରୁ ଉଠାଇ ନେଇଥିଲା ।

ରଙ୍ଗତୁଳି କଳାକାର ସଂଘର ସାଧାରଣ ପରିଷଦ ବୈଠକ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲା କ.ନୂଆଗାଁ ବ୍ଲକ ଅନ୍ତର୍ଗତ ସିର୍ତିଗୁଡା ଠାରେ ଜିଲା ରଙ୍ଗତୁଳି କଳାକାର ସଂଘର ଏକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାର ବିଭିନ୍ନ ବ୍ଲକର ରଙ୍ଗତୁଳି କଳାକାର ମାନେ ଯୋଗଦେଇଥିଲେ । ଅନୁଷ୍ଠିତ ସାଧାରଣ ପରିଷଦ ବୈଠକରେ କରୋନା ସଂକ୍ରମଣର କଟକଣା ଯୋଗୁଁ କିଭଳି ଭାବେ ରୋଜଗାର ପାଇଁ ସମସ୍ୟାରେ ପଡୁଛନ୍ତି ସେ ସଂପର୍କରେ ଆଲେଚାନା କରାଯାଇଥିଲା । ସଭା ପରେ ପରେ ଜିଲା ସ୍ତରୀୟ କର୍ମକର୍ତା ଚୟନ କରାଯାଇଥିଲା । ସଭାପତି ଭାବେ ପ୍ରମୋଦ ଦଣ୍ଡିଆ ମନୋନୀତ ହୋଇଥିବା ବେଳେ ସଂପାଦକ ଭାବେ ଗୋବିନ୍ଦ ଭୁକ୍ତା , ଉସ-ଭାତି ଭାବେ ମିଥୁନ୍ ପ୍ରଧାନୀ, ସହ ସଂପଦାକ ଭାବେ ଜଗତସିଂ ପାତ୍ର ଓ କୋଷାଧକ୍ଷ ଭାବେ ସୁନିଲ୍ ବିନ୍ଧାଣୀ ମନୋନିତ ହୋଇଛନ୍ତି । ଏଥି ସହିତ କାର୍ଯ୍ୟକାରି ସଭ୍ୟ ଭାବେ ଅଶ୍ୱିନୀ କୁମାର ବିଷୋୟୀ , ବିଷ୍ଣୁ ଚରଣ ବେହେରା , ସୁନିଲ୍ ନାୟକ , ଶ୍ରୀକାନ୍ତ ପ୍ରଧାନୀ , ଲକ୍ଷ୍ମୀଶ ପ୍ରଧାନ ପ୍ରମୁଖ ମନୋନିତ ହୋଇଛନ୍ତି । କରୋନା କଟକଣା ଯୋଗୁଁ ବର୍ତମାନ କଳାକାର ମାନଙ୍କର ରୋଜଗାର ପନ୍ଥା ସଂପୂର୍ଣ୍ଣଭାବେ ବନ୍ଦ ହୋଇଯାଇଥିବା ବେଳେ ଅନେକ କଳାକାର ଜୀବିକା ହରାଇବା ସହିତ ପରବାର ପ୍ରତିପୋଷଣ କରିବା ସମସ୍ୟା ସୃଷ୍ଟି ହୋଇଛି । ଜିଲାରେ ପ୍ରାୟ ୨ ହଜାରରୁ ଉର୍ଦ୍ଧ ରଙ୍ଗତୁଳି କାଳାକାର ଥିବା ବେଳେ ଆଜି ପର୍ଯ୍ୟନ୍ତ ସରକାର ଏହି କଳାକାର ମାନଙ୍କ ପାଇଁ କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରିନାହାନ୍ତି । ସେମାନଙ୍କର ଏହି ଆର୍ଥିକ ଅନାଟନ ବେଳେ ସେମାନଙ୍କୁ ଜିଲା ପ୍ରଶାସନ କାମ ଯୋଗାଇ ଦେବା ପାଇଁ ଦାବୀ କରାଯିବା ସମ୍ପର୍କରେ ବୈଠକରେ ନିଷ୍ପତି ନିଆଯାଇଥିଲା ।

ମାଟି ବୋଝେଇ ଟ୍ରାକ୍ଟର ଜବତ୍ ପରେ ବନ ବିଭାଗ ଦେଖାଇଲା ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲ ଘଟଣାର ତଦନ୍ତ ଦାବୀ

କେନ୍ଦୁଝର(ପିଏନ)-କେନ୍ଦୁଝର ସଦର ରେଞ୍ଜ ଟାଉନ ସେକ୍ସନ ଅନ୍ତର୍ଗତ ବେଲଦା ସଂରକ୍ଷିତ ଜଙ୍ଗଲର ମହାଦେଇପୁରଠାରେ ବନ ବିଭାଗ ଗତକାଲି ମାଟି ବୋଝେଇ ଏକ ଟ୍ରାକ୍ଟର ଜବତ୍ କରିଛି । ଜଙ୍ଗଲ ଭିତରେ ଓଆର୦୯କେ ୦୧୧୮ ନମ୍ବର ବିଶିଷ୍ଟ ଏକ ଟ୍ରାକ୍ଟର ମାଟି ଚାଲାଣ କରୁଥିବାବେଳେ ବନ ବିଭାଗ ଚଢଉ କରି ଟ୍ରାକ୍ଟର ଜବତ୍ କରିଥିଲା । ତେବେ ବନ ବିଭାଗ ଜବତ୍ ଗାଡିକୁ ବେଲଦା ସଂରକ୍ଷିତ ଜଙ୍ଗଲ ନଦେଖାଇ ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲରୁ ଜବତ୍ ହେବା ଦର୍ଶାଇଥିବା ଜବତ୍ ଗାଡି ମାଲିକ ମହେଶ୍ୱର ନାୟକ କହିଛନ୍ତି । ତେବେ

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ସ୍ୱରରାଜକ
ପର୍ଯ୍ୟବେକ୍ଷକ
PARYABEKHYAK ପର୍ଯ୍ୟବେକ୍ଷକ

Bhubaneswar Wednesday July 13, 2022 | ଭୁବନେଶ୍ୱର ବୁଧବାର, ଜୁଲାଇ ୧୩,୨୦୨୨ | Daily Edition : R.N.I.No: ODIODI /1999/00717 | Postal Regd. No: BN/57/18-20 | www.paryabekhyak.com | ୮

ଓଡ଼ିଆ-କନ୍ନଡ଼ ଭକ୍ତି ସାହିତ୍ୟର ଜାତୀୟ ଅନୁବାଦ କର୍ମଶାଳା

ସମ୍ବଲପୁର,୧୨।୭(ପି,ଏନ): ଓଡ଼ିଶା ସାହିତ୍ୟ ଏକାଡେମୀ, କର୍ଣ୍ଣାଟକ ସାହିତ୍ୟ ଏକାଡେମୀ ଓ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ସମ୍ବଲପୁରଙ୍କ ମିଳିତ ଆନୁକୂଲ୍ୟରେ ଓଡ଼ିଆ-କନ୍ନଡ଼ ଭକ୍ତି ସାହିତ୍ୟର ଜାତୀୟ ଅନୁବାଦ କର୍ମଶାଳା ଆଜି ଏଠାରେ ଆରମ୍ଭ ହୋଇଛି । ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟରେ କୁଳପତି ପ୍ରଫେସର ଏନ୍. ନାଗାରାଜୁଙ୍କ ପୌରୋହିତ୍ୟରେ ପୂର୍ବାହ୍ନ ୧୦ ଘଟିକାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହକୁ ଉଦ୍‌ଘାଟନ କରିଥିଲେ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ମଧୁସୂଦନ ପାଢ଼ୀ। ପ୍ରାରମ୍ଭିକ ସୂଚନା ଦେଇଥିଲେ ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଶ୍ରୀ ପ୍ରବୋଧ କୁମାର ରାଉତ। ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଡକ୍ଟର ହୃଷୀକେଶ ମଲ୍ଲିକ, ଉପସଭାପତି ଡକ୍ଟର ସଂଗ୍ରାମ ଜେନା, କର୍ଣ୍ଣାଟକ ସାହିତ୍ୟ ଏକାଡେମୀର ସଭାପତି ଡକ୍ଟର ବି.ଭି. ବସନ୍ତ କୁମାର। ବିଶ୍ୱବିଦ୍ୟାଳୟର କୁଳସଙ୍ଗୀତ ନ୍ତବିଶ୍ୱଦେଖ ମଧୁମୟ'ର ପରିବେଷଣ ପରେ ଭୀମଭୋଇ ଚେୟାରର ପ୍ରଫେସର ଡକ୍ଟର ପ୍ରଦୀପ କୁମାର ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। କର୍ମଶାଳାର ନିର୍ଦ୍ଦେଶକ ପ୍ରଫେସର ଏଚ.ଏସ୍ ଶିବପ୍ରକାଶ ଭିତ୍ତିବନ୍ଧ ପାଠ କରିଥିଲେ ଓ କୁଳସଚିବ ଶ୍ରୀମତୀ ଯୁଗଳେଶ୍ୱରୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଜୁଲାଇ ୧୨ ରୁ ୧୫ ତାରିଖ ଯାଏଁ ଅନୁଷ୍ଠିତ ହେଉଥିବା ଏହି ଅନୁବାଦ କର୍ମଶାଳାରେ ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରତିନିଧି ଭାବେ ପ୍ରଫେସର କାଳିଦାସ ମିଶ୍ର, ପ୍ରଫେସର ଗୁରୁଚରଣ ବେହେରା, ପ୍ରଫେସର ମ୍ୟାରୀ ମହାନ୍ତି ଓ ଡକ୍ଟର ଶୈଳେନ୍ ରାଉତରାୟ ଯୋଗ ଦେଇଥିବା ବେଳେ କର୍ଣ୍ଣାଟକ ସାହିତ୍ୟ ଏକାଡେମୀର ପ୍ରତିନିଧି ଭାବେ ଯୋଗ ଦେଇଛନ୍ତି ଡକ୍ଟର ମହାଦେବ ସଙ୍କନାପୁରା, ଶ୍ରୀମତୀ ମଧୁରାଣୀ ଏଚ.ଏସ୍, ଡକ୍ଟର ବିକ୍ରମ ବିଶାଜୀ ଓ ଶ୍ରୀମତୀ ଛାୟା ଭଗବତୀ। ଇଂଲିଶ-ମାଧ୍ୟମ-ଭାଷାରେ ଓଡ଼ିଆରୁ କନ୍ନଡ଼ ଓ କନ୍ନଡ଼ରୁ ଓଡ଼ିଆକୁ ଅନୁଦିତ ଉଭୟ ଭାଷାର ଭକ୍ତି ସାହିତ୍ୟକୁ ଦୁଇ ଏକାଡେମୀ ପ୍ରକାଶ କରିବେ। ପ୍ରତ୍ୟେକ ପାଣ୍ଡୁଲି ଦେଢ଼ଶହ ପୃଷ୍ଠା ବିଶିଷ୍ଟ ହେବ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ପାଢ଼ୀ କହିଛନ୍ତି ଯେ ଜାତୀୟସ୍ତରର ଏହି ଅନୁବାଦ କର୍ମଶାଳା ଆୟୋଜନ ଏକ ଅଭିନବ ଉଦ୍ୟମ ଓ ଏହାଦ୍ୱାରା ଭାରତର ଆଞ୍ଚଳିକ ଭାଷା ମଧ୍ୟରେ ଯୋଗାଯୋଗ ସୁଦୃଢ଼ ହେବା ସହିତ ଜାତୀୟ ସ୍ତରରେ ଆଞ୍ଚଳିକ ଭାଷାସାହିତ୍ୟର ପ୍ରତିଷ୍ଠା ତ୍ୱରାନ୍ୱିତ ହୋଇ ପାରିବ।

ପାରାଦୀପ ସହରାଂଚଳର ବିଭିନ୍ନ ବିଦ୍ୟାଳୟର ଉନ୍ନତିକରଣରେ ଜେଏସ୍‌ଡବ୍ଲ୍ୟୁର ସହଯୋଗ

ପାରାଦୀପ,(ପି.ଏନ): ପାରାଦୀପ ସହରାଂଚଳର ବିଭିନ୍ନ ବିଦ୍ୟାଳୟର ଉନ୍ନତିକରଣ ଯୋଜନାରେ ସାମିଲ ହୋଇଛି ଜେଏସଡବ୍ଲ୍ୟୁ ଫାଉଣ୍ଡେସନ୍। ଚଳିତ ବର୍ଷ ମେ ଓ ଜୁନ୍ ମାସରେ ଫାଉଣ୍ଡେସନ୍ ଭିତରଗଡ ଠାରେ ଥିବା ଘନଗଳିଆ ୟୁପି ସ୍କୁଲ୍ ରେ ସପ୍ତମ,ଅଷ୍ଟମ ଶ୍ରେଣୀରେ ପାଠ ପଢୁଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ବେଂଚ,ଡେସ୍କ ପ୍ରଦାନ କରାଯିବା ସହିତ ବିଦ୍ୟାଳୟରେ ଥିବା ରୋଷେଇ ଘର ଓ ଡାଇନିଂ ହଲ୍‌ର ଉନ୍ନତିକରଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଛି । ତତ୍‌ସହିତ ପାରାଦୀପ ବଙ୍ଗାଳି ପଡା ଠାରେ ଥିବା ପ୍ରାଥମିକ ବିଦ୍ୟାଳୟରେ ନିୟମିତ ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା ପାଇଁ ଏକ ଉଚ୍ଚ ପାଣି ଟାଙ୍କି ନିର୍ମାଣ କରାଯାଇଛି । ସେହିପରି ପାରାଦୀପ ଉପକଣ୍ଠ ଷଣ୍ଢକୁଦ ନୋଳିଆ ସାହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପଂଚମ ଶ୍ରେଣୀରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କ ପାଇଁ ବେଂଚ,ଡେସ୍କ ପ୍ରଦାନ କରିଛି ଜେଏସଡବ୍ଲ୍ୟୁ ଫାଉଣ୍ଡେସନ୍ । ଏହାଦ୍ୱାରା ଏହି ତିନିଗୋଟି ବିଦ୍ୟାଳୟର ମୋଟ ୬୬୪ ଜଣ ଛାତ୍ରଛାତ୍ରୀ ଉପକୃତ ହୋଇଛନ୍ତି । ପୂର୍ବରୁ ଜେଏସଡବ୍ଲ୍ୟୁ ଫାଉଣ୍ଡେସନ୍ ଢିଙ୍କିଆ, ନୂଆଗାଁ ଓ ଗଡକୁଜଙ୍ଗ ପଂଚାୟତର ୧୫ ଗୋଟି ଅଙ୍ଗନବାଡି କେନ୍ଦ୍ରର ସୌନ୍ଦର୍ଯ୍ୟକରଣ ଓ ଉନ୍ନତିକରଣ କାର୍ଯ୍ୟ କରାଯାଇଥିଲା ।

ଅଗ୍ନିପଥ ସେନା ନିଯୁକ୍ତି ଯୋଜନା ପାଇଁ ସଚେତନତା ଅଭିଯାନ

ପାରାଦୀପ,(ପି.ଏନ): ପାରାଦୀପ ବନ୍ଦର ପ୍ରାଧିକରଣ(ପିପିଏ) ଏବଂ ଭାରତୀୟ ସେନା ପକ୍ଷରୁ ଅଗ୍ନିପଥ ଯୋଜନାରେ ସାମିଲ ହେବା ନିମନ୍ତେ ଏକ ସଚେତନତା ଅଭିଯାନ ପାରାଦୀପ ମହାବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଥିଲା। ସେନା ନିଯୁକ୍ତି କଟକ ଶାଖାର ନିର୍ଦ୍ଦେଶକ କର୍ଣ୍ଣେଲ ହମିନ୍ଦର ସଂ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଯୁବକମାନଙ୍କୁ ଉତ୍ସାହିତ କରିବା ଏବଂ ଅଗ୍ନିପଥ ଯୋଜନା ମାଧ୍ୟମରେ ଭାରତୀୟ ସେନାରେ ସାମିଲ ହେବା ପ୍ରକ୍ରିୟା ଏବଂ ଯୋଗ ଦେବା ପରେ ମିଳିବାକୁ ଥିବା ସୁବିଧା ସମ୍ପର୍କରେ ଜଣାଇବା ଏହି ଅଭିଯାନର ମୂଳ ଲକ୍ଷ୍ୟ । ଏହି ସଚେତନତା ଅଭିଯାନରେ ଏନସିସି, ଏନଏସଏସ୍ ଓ ୟୁଥ ରେଡକ୍ରସ ଛାତ୍ରଛାତ୍ରୀମାନେ ଉତ୍ସାହର ସହ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ । ଏହି ଶିବିରରେ ଯୋଗ ଦେଇଥିବା ଶିବିରାର୍ଥୀମାନଙ୍କୁ ଅଗ୍ନିବୀର ଏବଂ ଭରତୀୟ ସେନାରେ କ୍ୟାରିୟର ସୁଯୋଗ ବିଷୟରେ ସବିଶେଷ ତଥ୍ୟ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡଃ.ସସ୍ମିତା ଶତପଥୀ, ଏନସିସି ଅଧିକାରୀ ଅକ୍ଷୟ ଚନ୍ଦ୍ର ମିଶ୍ର, ଏନଏସଏସ୍ ଓ ୟୁଥ ରେଡକ୍ରସର ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ସମସ୍ତଙ୍କୁ ଉତ୍ସାହିତ କରିଥିଲେ । ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ବରିଷ୍ଠ ଅଧ୍ୟାପକ ଗଣେଶ୍ୱର ପାତ୍ର ।

ଉପଜିଲ୍ଲାପାଳ ଭାବେ ଅନିଲ କୁମାର ସେଠୀଙ୍କ ଦାୟୀତ୍ୱ ଗ୍ରହଣ

ଆନନ୍ଦପୁର,(ପି.ଏନ):ଆନନ୍ଦପୁର ଉପଜିଲ୍ଲାପାଳ ଭାବେ ଅନିଲ କୁମାର ସେଠୀ ସୋମବାର ଦିନ ଦାୟିତ୍ୱ ଗ୍ରହଣ କରିଛନ୍ତି। ସୂଚନା ଅନୁଯାୟୀ ଗୋପୀନାଥ କୁଅଁର ଆନନ୍ଦପୁର ଉପଜିଲ୍ଲାପାଳ ଭାବେ ଦାୟିତ୍ୱ ବହନ କରି ଆସୁଥିବା ବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ଶ୍ରୀଯୁକ୍ତ କୁଅଁରଙ୍କୁ ଯାଜପୁରକୁ ଉପଜିଲ୍ଲାପାଳ ଭାବେ ବଦଳି କରାଯାଇଥିଲା । ଭନଗରର ବିଡିଓ ଭାବେ କାର୍ଯ୍ୟ ନିର୍ବାହ କରୁଥିବା ଅନିଲ କୁମାର ସେଠୀଙ୍କୁ ଆନନ୍ଦପୁର ଉପଜିଲ୍ଲାପାଳ ଭାବେ ପଦୋନ୍ନତୀ କରାଯାଇଥିଲା। ସୋମବାର ଦିନ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପୂର୍ବତନ ଉପଜିଲ୍ଲାପାଳ ଶ୍ରୀଯୁକ୍ତ କୁଅଁର ନୂତନ ଉପଜିଲ୍ଲାପାଳ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ନୂତନ ଉପଜିଲ୍ଲାପାଳଙ୍କୁ ଗୁଷ୍ଚଗୁଚ୍ଛ ଦେଇ ଅଭିନନ୍ଦନ ଜଣାଇଥିଲେ । ଆନନ୍ଦପୁର ଉପଖଣ୍ଡରେ ବିଭିନ୍ନ ସମସ୍ୟା ଉପରେ ଗୁରୁତ୍ୱ ଦେଇ ସମାଧାନ କରିବା ସହିତ ଆନନ୍ଦପୁରର ଉନ୍ନତି ଦିଗରେ ସମ୍ପୂର୍ଣ୍ଣ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସନ୍ଧ୍ୟାରେ ଘଟଗାଁ ଗସ୍ତ କରି ମା'ତାରିଣୀଙ୍କ ଦର୍ଶନ କରିଥିଲେ।

ଟାଟା ଷ୍ଟିଲ ପକ୍ଷରୁ ବିଶ୍ୱ ଜନସଂଖ୍ୟା ଦିବସ ପାଳିତ, ସମାଜରେ ଉଲ୍ଲେଖନୀୟ ଯୋଗଦାନ ପାଇଁ ପ୍ରାୟ ୨୦୦ ଏସ୍‌ଏଚ୍‌ଜି ସଦସ୍ୟା ସମ୍ମାନୀତ

ଯୋଡ଼ା,(ପି.ଏନ):ଟାଟା ଷ୍ଟିଲର ସିଏସ୍‌ଆର ସଂସ୍ଥା ଟାଟାଷ୍ଟିଲ ଫାଉଣ୍ଡେସନ୍ ପକ୍ଷରୁ ସୋମବାର ଦିନ ଯୋଡ଼ା ଓ୍ୱେଷ୍ଟ ଅଡ଼ିଟୋରିୟମ୍‌ରେ ବିଶ୍ୱ ଜନସଂଖ୍ୟା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅନ୍ୟ ଅତିଥି ଏବଂ ଗଣ୍ୟମାନ୍ୟ ବ୍ୟକ୍ତିଙ୍କ ସହିତ କେନ୍ଦୁଝର ଜିଲ୍ଲାର ଯୋଡ଼ା ପୌରପାଳିକା ଅନ୍ତର୍ଗତ ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ର ପ୍ରାୟ ୨୦୦ ଜଣ ସଦସ୍ୟ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୋଡ଼ା ପୌରପାଳିକା ଅଧ୍ୟକ୍ଷ ଜଗଦିଶ ପ୍ରସାଦ ସାହୁ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିବା ବେଳେ ଯୋଡ଼ା ପୌରପାଳିକାର ଉପାଧ୍ୟକ୍ଷା ସନ୍ଧ୍ୟା ପାତ୍ର ଓ ଟାଟା ଷ୍ଟିଲ ଯୋଡ଼ା ହସ୍ପିଟାଲର ମୁଖ୍ୟ ଚିକିତ୍ସାଧିକାରୀ ସୁଚିସ୍ମିତା ସାହୁ ସମ୍ମାନୀତ ଅତିଥି ରୂପେ ଅଂଶଗ୍ରହଣ କରିଥିଲେ। ଚଳିତ ବର୍ଷର ବିଷୟବସ୍ତୁ, ୮ ବିଲିୟନ୍‌ର ଏକ ପୃଥିବୀ ସମସ୍ତଙ୍କ ପାଇଁ ଏକ ସ୍ଥିର ଭବିଷ୍ୟତ ଦିଗରେ ଅଗ୍ରସର-ସୁଯୋଗର ଉଚିତ ବ୍ୟବହାର ଏବଂ ସମସ୍ତଙ୍କ ଅଧିକାର ଏବଂ ପସନ୍ଦକୁ ସମ୍ମାନ ଜଣାଇବାକୁ ଦୃଷ୍ଟିରେ ରଖି ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହା ଅନ୍ତର୍ଗତ ମାନବ ବିକାଶ ସୂଚକ, ଲିଙ୍ଗଗତ ସମାନତା ଏବଂ ମହିଳା ସଶକ୍ତିକରଣର ପ୍ରଭାବ ବିଷୟରେ ଅବଗତ କରାଇବା ପାଇଁ ଏକ ସଚେତନତା ଅଧିବେସନର ଆୟୋଜନ କରାଯାଇଥିଲା। ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟ ଅତିଥି ଯୋଡ଼ା ପୌରପାଳିକାର ଅଧ୍ୟକ୍ଷ ଶ୍ରୀ ଜଗଦିଶ ପ୍ରସାଦ ସାହୁକହିଥିଲେ ଯେ, ଏକ ଆନନ୍ଦମୟ ସମାଜର ଅଗ୍ରଗତି ପାଇଁ ମହିଳାମାନଙ୍କ ଦାୟିତ୍ୱ ରହିଥିବା ବେଳେ ଏହାକୁ ଆଗେଇ ନେବାରେ ପୁରୁଷ ମାନଙ୍କ ସମାନ ଦାୟିତ୍ୱ ରହିଛି। ଏହି କାରଣରୁ ଆମ ଲୋକମାନଙ୍କ ମଧ୍ୟରେ ଏକ ସକରାତ୍ମକ ଭାବନା ଆଣିବା ପାଇଁ ସମସ୍ତେ ମିଳିତ ଭାବେ କାର୍ଯ୍ୟ କରିବା ଉଚିତ । ଏହି ଅବସରରେ ଉଦ୍‌ବୋଧନ ଦେଇ ଟାଟାଷ୍ଟିଲ ଯୋଡ଼ା ହସ୍ପିଟାଲର ମୁଖ୍ୟ ଚିକିତ୍ସାଧିକାରୀ ସୁଚିସ୍ମିତା ଦାସ ସମାଜର ଅନ୍ତର୍ଭୁକ୍ତକାରୀ ବିକାଶ ପାଇଁ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ସେକହିଥିଲେ ଯେ, ଜଣେ ମହିଳାଙ୍କୁ ଶିକ୍ଷିତ କରି ଆମେ ପୁରା ପରିବାରକୁ ଶିକ୍ଷିତ କରିପାରିବା ଏବଂ ଏହା ଆମକୁ ଏକ ବନ୍ଧୁତ୍ୱପୂର୍ଣ୍ଣ ପରିବେଶରେ ଜୀବନ ନିର୍ବାହ କରିବାରେ ସହାୟତା କରିବ। ବ□ମାନ ପରିବାର ନିୟୋଜନ ଚାହୁଁଥିବା ମହିଳାମାନଙ୍କ ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଇଛିଏବଂ ଆଶାନ୍ୱିତ ଫଳ ପାଇବା ପାଇଁଏହାକୁ ପ୍ରୋତ୍ସାହିତ କରାଯିବା ଉଚିତ। ବିଶ୍ୱ ଜନସଂଖ୍ୟା ଦିବସରେ ମାତୃସ୍ୱାସ୍ଥ୍ୟ ଉପରେ ପର୍ଯ୍ୟବେସିତ ଏକ କ୍ଷୁଦ୍ର ଭିଡ଼ିଓ ଦର୍ଶକ ମାନଙ୍କୁ ବେଶ ପ୍ରଭାବିତ କରିଥିଲା। ଏହି ଅବସରରେ ସମାଜରେ ପରିବ□ନ ଆଣିବା ଦିଗରେ ସେମାନଙ୍କ ଉଲ୍ଲେଖନୀୟ ଯୋଗଦାନ ପାଇଁ ମହିଳା ଅଂଶଗ୍ରହଣକାରୀ ମାନଙ୍କୁ ସମ୍ମାନୀତ କରାଯାଇଥିଲା। ଯୋଡ଼ା ପୌରପାଳିକାର ଉପାଧ୍ୟକ୍ଷା ସନ୍ଧ୍ୟା ପାତ୍ର ଏସ୍‌ଏଚ୍‌ଜି ସଦସ୍ୟମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ଭବିଷ୍ୟତ ପଦକ୍ଷେପରେ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି ଆଶ୍ୱାସନା ଦେଇଥିଲେ।

ଧର୍ମଶାଳା ସିଡିପିଓଙ୍କ କାର୍ଯ୍ୟାଳୟରେ ଅଗ୍ନିକାଣ୍ଡ

ଧର୍ମଶାଳା,୧୨।୭(ପିଏନ୍): ଧର୍ମଶାଳା ସମନ୍ୱୟ ଶିଶୁ ବିକାଶ (ସିଡିପିଓ) ଙ୍କ କାର୍ଯ୍ୟାଳୟରେ ଅଗ୍ନିକାଣ୍ଡ ଘଟି କେତେକ କାଗଜପତ୍ର ପୋଡିଯାଇଥିବା ଜଣାପଡିଛି । ସୂଚନା ମୁତାବକ ଆଜି ସକାଳ ସାଡେ ଆଠଟାରେ ସମୟରେ ସିଡିପିଓ କାର୍ଯ୍ୟାଳୟର ଉପରମହଲାରୁ ଧୁଆଁ ବାହାରୁଥିବା ସ୍ଥାନୀୟ ଯୁବକମାନେ ଦେଖିଥିଲେ।

ବି.ଏନ୍. ହାଇସ୍କୁଲ ପରିସରରେ ଅଗ୍ନିଶମ ବିଭାଗ ପକ୍ଷରୁ ମଗଡ୍ରିଲ

ଆନନ୍ଦପୁର,(ପି.ଏନ):ଆନନ୍ଦପୁରର ବଳଭଦ୍ର ନାରାୟଣ ଉଚ୍ଚ ବିଦ୍ୟାଳୟ ପରିସରରେ ସୋମବାର ଦିନ ଆନନ୍ଦପୁର ଅଗ୍ନିଶମ ବିଭାଗ ପକ୍ଷରୁ ଏକ ମଗଡ୍ରିଲ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାତ୍ୟା, ବନ୍ୟା ଓ ଦୈବୀଦୁର୍ବିପାକ ସମୟରେ କିପରି ଲୋକମାନଙ୍କୁ ଉଦ୍ଧାର କରିବା ସହ ନିଜେ ସୁରକ୍ଷିତ ରହି ପାରିବ ଏହାକୁ ନେଇ ଏନ୍‌ଡିଆରଏଫ୍ ଓ ଅଗ୍ନିଶମ ବିଭାଗର ମିଳିତ ସହଯୋଗରେ ବିଭିନ୍ନ କଳା କୌଶଳ ପ୍ରଦର୍ଶନ କରାଯାଇଥିଲା । ବିଦ୍ୟାଳୟର ପ୍ରଧାନଶିକ୍ଷକ ଉମାକାନ୍ତ ରାଉତ, ଏନ୍‌ଡିଆରଏଫ୍ କମାଣ୍ଡର ଏସ୍.ସୁମନ, ଅଗ୍ନିଶମ ଅଧିକାରୀ ପ୍ରତାପ କୁମାର ସିଂ ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଉଚ୍ଚ ବିଦ୍ୟାଳୟରେ ଅଭିଭାବକ ଶିକ୍ଷକ ସମ୍ମିଳନୀ

କେନ୍ଦୁଝର,(ପି.ଏନ): ନରଣପୁରଠାରେ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ସରକାରୀ ଉଚ୍ଚ ବିଦ୍ୟାଳୟ ସଭାଗୃହ ଠାରେ ଅଭିଭାବକ ଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ଶ୍ରୀମତୀ କବିତା ରାଣୀ ଦାସ ସମ୍ମିଳନୀ ପରିଚାଳନା କରିଥିବା ବେଳେ ଶିକ୍ଷକ ସଂଜୟ କୁମାର ଜେନା ସଂଯୋଜନା କରିଥିଲେ । ଶିକ୍ଷାବିତ୍ ପ୍ରାକ୍ତନ ଅଧ୍ୟକ୍ଷ (କେନ୍ଦୁଝର କଲେଜ) ବିପିନ ବିହାରୀ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଓଡିଶା ଗାନ୍ଧୀ ବିଚାର ପରିଷଦର ଅଧ୍ୟକ୍ଷ ତଥା ପରିଶେବିତ୍ ଭକ୍ତବତ୍ସଳ ମହାନ୍ତି ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ । ପ୍ରଥମେ ମା'ତାରିଣୀଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ସମ୍ମିଳନୀ ଉଦ୍‌ଘାଟନ କରାଯାଇଥିଲା । ଅନ୍ୟତମ ଅତିଥି ଭାବେ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ପ୍ରତିନିଧି ଦେବସ୍ମିତା ମହାନ୍ତି, ବିଧାୟକ ପ୍ରତିନିଧି ଦିଲ୍ଲୀପ ପଣ୍ଡା, ଅଭିଭାବକ ଶିକ୍ଷକ କମିଟି ଚେୟାରମ୍ୟାନ୍ ମହେଶ୍ୱର ବେହେରା ପ୍ରମୁଖ ଅଭିଭାବକ ମାନଙ୍କର ଦାୟୀତ୍ୱ ଓ କ□ବ୍ୟ ବିଷୟରେ ବୁଝାଇ ଥିଲେ । ହିନ୍ଦି ଶିକ୍ଷକ ବାବୁଲା ସିଂ ଖୁ□ଆ ଓଡିଶା ସରକାରଙ୍କ ଅନସୂଚିତ ଜାତି ଓ ଜନଜାତି ବିଭାଗର ବିଭିନ୍ନ ଯୋଜନା ବିଷୟରେ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ । ସହକାରୀ ଶିକ୍ଷୟତ୍ରୀ ଶ୍ରୀମତୀ ଅପରାଜିତା ବେହେରା ବିଦ୍ୟାଳୟରେ ଥିବା ଛାତ୍ରଛାତ୍ରୀ ମାନଙ୍କ ପାଇଁ ନିରାପତା ବ୍ୟବସ୍ଥା, ସୁରକ୍ଷା ବ୍ୟବସ୍ଥା, ଟୋଲ୍ ଫ୍ରି ନମ୍ବର, ଅଭିଯୋଗ ବ୍ୟବସ୍ଥା ଓ ମନିଟରିଙ୍ଗ୍ କମିଟିର ଦାୟୀତ୍ୱ ବିଷୟରେ ସମ୍ମିଳନୀରେ ବର୍ଣ୍ଣନା କରିଥିଲେ । ମୁଖ୍ୟଅତିଥି ବିପିନ ବିହାରୀ ମହାପାତ୍ର କହିଥିଲେ ଯେ ଛାତ୍ରଛାତ୍ରୀ ମାନଙ୍କର ପ୍ରଥମ ଗୁରୁ ହେଉଛନ୍ତି ପିତାମାତା । ସେମାନେ ତାଙ୍କର ପିଲା ମାନଙ୍କୁ ଭଲ ପାଇବା ସହ ସେମାନଙ୍କ ମଧ୍ୟରେ ଆତ୍ମପ୍ରତ୍ୟେୟ ସୃଷ୍ଟି କରିବେ । ଦୃଢ ଆତ୍ମବିଶ୍ୱାସ ଜନ୍ମାଇବେ । ପାଠପଢା ସମୟରେ ପିଲାଟି କେତେ ଅଧ୍ୟୟନ ପାଇଁ ସମୟ ବିନିଯୋଗ କରୁଛି ତାହା ତଦାରଖ କରିବେ ବୋଲି ବୁଝାଇ ଥିଲେ । ବିର୍ଷା ମୁଣ୍ଡା, ଧରଣୀଧର ଭୂୟାଁଙ୍କ ଦେଶ ପାଇଁ ଆତ୍ମବଳି ବିଷୟରେ ବର୍ଣ୍ଣନା କରିଥିଲେ । ମୁଖ୍ୟବକ୍ତା ଭକ୍ତବତ୍ସଳ ମହାନ୍ତି କହିଥିଲେ ଯେ କେନ୍ଦୁଝର ହେଉଛି ଅରଣ୍ୟ ଓ ସଂସ୍କୃତିରେ ଗଢା । ଆଦିବାସୀ ଓ ବନବାସୀମାନେ କେଉଁ କାଳରୁ ସହବସ୍ଥାନ କରିଆସୁଛନ୍ତି । ଆଦିବାସୀମାନେ ମୂଳ ଲୋକ । ଅନୁସୂଚିତ ଜାତି ଓ ଜନଜାତି ମାନଙ୍କର ବିକାଶ ପାଇଁ ଓଡିଶା ସରକାର ସବୁବେଳେ ଚେଷ୍ଟିତ । ସେ କହିଲେ ଆନ୍ତର୍ଜାତିକ ଶିଶୁ ଅଧିକାର ସମ୍ମିଳନୀ ଅନୁସାରେ ଶିଶୁର ବୟସ ୧୮ ବର୍ଷ ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଛି । ଶିଶୁ ମାନଙ୍କୁ ମର୍ଯ୍ୟାଦା ପୂର୍ବକ ତାଙ୍କ ଅଧିକାରକୁ ପିତାମାତାଙ୍କୁ ସମ୍ମାନ ଦେବାକୁ ହେବ । ପଣ୍ଡିତ ଉତ୍କଳମଣୀ ଗୋପବନ୍ଧୁ ବକୁଳ ଗଛ ମୂଳେ ବନବିଦ୍ୟାଳୟ ଓ ମହାତ୍ମା ଗାନ୍ଧୀଙ୍କ ସେବାଶ୍ରମରେ ମୌଳିକ ବିଦ୍ୟାଳୟରେ ଛାତ୍ରଛାତ୍ରୀ ମାନଙ୍କୁ ସ୍ୱାବଲମ୍ବୀ ହେବାକୁ ଶିକ୍ଷା ଦିଆଯାଉଥିଲା । ଯାହା ବ□ମାନ ସରକାର ତାଙ୍କ ପାଠ୍ୟକ୍ରମରେ ସ୍ଥାନିତ କରିଛନ୍ତି । ଶେଷରେ ବରିଷ୍ଠ ନାଗିରକ ତଥା